بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 41

ବାର୍ଷିକ ଦେୟ : 600/-

29 ରବିଉଲ୍ ଅୱଲ୍ 1446 ହି.କ, 10 ଇଖା 1403 ହି.ଶ, 10 Oct -2024 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

رَبَّنَاۤ اِنَّکَ تَعۡلَمُ مَا نُخۡفِیۡ وَمَا نُعۡلِنُ ؕ وَمَا یَخۡفٰی عَلَی اللّٰہِ مِنۡ شَیۡءٍ فِی الۡاَرۡضِ وَلَا فِی السَّمَآءِ ○

(ଅଲ୍ ଇବ୍ରାହିମ୍ : 39)

**ଅନୁବାଦ:** ହେ ଆମ୍ଭର ପାଳନ-କର୍ତ୍ତା ! ଆମ୍ଭେମାନେ ଯାହା କିଛି ଗୋପନ ରଖୁ ଓ ଆମ୍ଭେମାନେ ଯାହାକିଛି ପ୍ରକାଶକରୁ ତୁମ୍ଭେ ନିଶ୍ଚୟ ସେ ସବୁ ଜାଣ ଏବଂ ଆକାଶ ଓ ପୃଥିବୀର କୌଣସି ବିଷୟ ଅଲ୍ଲାଃଙ୍କ ନିକଟରେ ଲୁକ୍କାୟିତ ରହିପାରେ ନାହିଁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ !** ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ କାମନା କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ପୁରୁଷମାନଙ୍କ ପକ୍ଷେ ରେଶମ ବସ୍ତ୍ର ପରିଧାନ କରିବା ଅବୈଧ ଅଟେ

(2612) ହ. ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି, ଅବ୍ଦୁଲ୍ଲାଃଙ୍କ ପିତାଶ୍ରୀ ଅର୍ଥାତ୍ ହ. ଉମର୍ ବିନ୍ ଖତ୍ତାବ୍ ର.ଅ ମସ୍‌ଜିଦର ଦ୍ୱାର ନିକଟରେ ଏକ ରେଶମ ବସ୍ତ୍ର ବିକ୍ରି ହେଉଥିବାର ଦେଖିଲେ, ତେବେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯଦି ଏହାକୁ କ୍ରୟ କରି ନିଅନ୍ତି ଓ ଶୁକ୍ରବାର ଦିନ ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍ କରିବା ସମୟରେ ଯଦି ଉକ୍ତ ବସ୍ତ୍ରକୁ ପରିଧାନ କରନ୍ତି ତେବେ ଖୁବ୍ ଭଲ ହୁଅନ୍ତା । ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ରେଶମ ବସ୍ତ୍ର ପରିଧାନ କରେ ତେବେ ଶେଷ ଦିବସରେ ତା'ର (ଅଲ୍ଲାଃତାଲାଙ୍କ ନିକଟରେ) କୌଣସି ଭାଗ ନଥାଏ । ଏହାପରେ କେତେକ ରେଶମ ବସ୍ତ୍ର ଆପଣ ସ.ଅଙ୍କ ପାଖକୁ ଆସିଲା ।

ଆପଣ ସ.ଅ ସେହି ରେଶମ ବସ୍ତ୍ର ମଧ୍ୟରୁ ଗୋଟିଏ ହଲ ହ. ଉମର୍ ଉମର୍ ର.ଅଙ୍କୁ ମଧ୍ୟ ପ୍ରଦାନ କଲେ। ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆପଣ ସ.ଅ ମୋତେ ଏହି ରେଶମ ବସ୍ତ୍ର ପରିଧାନ କରିବାକୁ ଦେଇଛନ୍ତି ! ହେଲେ ଆପଣ ସ.ଅ ତ' ଅତାରିଦ୍‌ର (ରେଶମ) ହଲ ସଂପର୍କରେ ମୋତେ ଯେଉଁ କଥା କହିଥିଲେ ସେକଥା ଆପଣଙ୍କୁ ମନେ ନାହିଁ କି? ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ଉମର୍ ! ମୁଁ ତୁମକୁ ଉକ୍ତ ରେଶମ ବସ୍ତ୍ର ଏଇଥିପାଇଁ ଦେଇ ନାହିଁ ଯେ, ତୁମ ଏହାକୁ ପରିଧାନ କର। ସୁତରାଂ ହ. ଉମର୍ ର.ଅ ଉକ୍ତ ରେଶମ ବସ୍ତ୍ର ନିଜର ଜଣେ ଭାଇକୁ ପରିଧାନ କରିବା ନିମନ୍ତେ ଦେଇଦେଲେ ଯିଏ ମକ୍କାରେ ମୁସରିକ୍ ଥିଲା।

**(2614)** ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ମୋତେ ହଲେ ଗାରପକା ଅର୍ଥାତ୍ ରେଖାଙ୍କିତ ହୋଇଥିବା ରେଶମ ବସ୍ତ୍ର ପ୍ରଦାନ କଲେ । ମୁଁ ସେହି ବସ୍ତ୍ରକୁ ପରିଧାନ କରିନେଲି । ପୁନଶ୍ଚ ମୁଁ ଯେତେବେଳେ ଆପଣ ସ.ଅଙ୍କ ମୁଖ ମଣ୍ଡଳରେ ଅସନ୍ତୋଷ ଭାବ ଦେଖିଲି ସେତେବେଳେ ମୁଁ ଉକ୍ତ ରେଶମ ବସ୍ତ୍ରକୁ ଦୁଇଖଣ୍ଡ ଚିରିଦେଇ ନିଜର ମହିଳାମାନଙ୍କ ମଧ୍ୟରେ ବାଣ୍ଟି ଦେଲି । **(ସହିହୁଲ୍ ବୁଖାରୀ, ଭାଗ-4, ବାବ୍ କିତାବୁଲ୍ ହିବା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ଇହଧାମ ତ୍ୟାଗ କରିବା ପୂର୍ବରୁ ମନୁଷ୍ୟ ପକ୍ଷେ ଏହା ଆବଶ୍ୟକ ଯେ, ସେ ଈଶ୍ୱରଙ୍କ ସହିତ ସନ୍ଧି ସ୍ଥାପନ କରିନେଉ ।

---

### ଉକ୍ତ କଥାଟି କେତେ ମହାନ ଯେ, ମନୁଷ୍ୟ ଚରିତ୍ରକୁ ପ୍ରାପ୍ତ କରୁ (ଚରିତ୍ରବାନ୍ ହେଉ) ଓ ଧର୍ମପରାୟଣତା ଅବଲମ୍ବନ କରୁ ।

ମନେରଖ ବିରୋଧୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା ନିମନ୍ତେ ଧର୍ମପରାୟଣତା ହେବା ନିତାନ୍ତ ଆବଶ୍ୟକ ଅଟେ । ସାଂପ୍ରତିକ ଯୁଗରେ ଏଥି ନିମନ୍ତେ ସର୍ବୋତ୍ତମ ପନ୍ଥା ଏହିକି ଯେ, ମୋ (ହ. ମସିହ୍ ମଉଦ୍) ପାଖରେ ରୁହନ୍ତୁ । ଉକ୍ତ ରହସ୍ୟକୁ ସର୍ବ ପ୍ରଥମେ ମୌଲବୀ ନୁରୁଦ୍ଦୀନ୍ ସାହେବ ବୁଝିଥିଲେ । ସେ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଏଠାରେ ଆସି ଜଙ୍ଗଲରେ ବସିଛନ୍ତି । ସେ ମହାନ୍ ବଳିଦାନ ଦେଇଛନ୍ତି । ନିଜର ଧନ ସମ୍ପତ୍ତିକୁ ପରିତ୍ୟାଗ କରି ଜଙ୍ଗଲରେ ବାସ କରିବା ନିମନ୍ତେ ସ୍ଥିର କଲେ । ମୁଁ ବିଶ୍ୱାସର ସହିତ କହିପାରିବି ଯେ, ମୌଲବୀ ସାହେବଙ୍କ ପରି ସାମର୍ଥ୍ୟତା ଏବଂ ଯୋଗ୍ୟତା ଥିବା ବ୍ୟକ୍ତି ଯଦି ଲାହୋର୍ କିମ୍ବା ଅମୃତସରରେ ରୁହନ୍ତି ତେବେ ବୃହତ୍ ସାଂସାରିକ ଲାଭ ମଧ୍ୟ ସେ ପ୍ରାପ୍ତ କରିପାରି ଥାଆନ୍ତେ ଏବଂ ଅନେକ ଥର ଲାହୋର ଓ ଅମୃତସରବାସୀମାନେ ଏହା ଚାହିଁଲେ ଯେ, ସେ ଏଠାକୁ ଆସି ରୁହନ୍ତୁ । କିନ୍ତୁ ସେ କେବେ ବି ଏଠାରେ (କାଦିୟାନ୍‌ରେ) ରହିବା ନିମନ୍ତେ ଅନ୍ୟ ସ୍ଥାନର ଆମଦାନୀ (ଆୟ) ଲାଭକୁ ପ୍ରାଧାନ୍ୟ ଦେଇ ନାହାନ୍ତି। ଅଲ୍ଲାଃତାଲା ତାଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ହଜରତ୍ ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଏହା ଅବଲୋକନ କରୁଛି ଯେ, ଆମ ଜମାଅତ୍‌ର କେତେକ ସଦସ୍ୟବୃନ୍ଦ ଇହଧାମ ତ୍ୟାଗ କରିଥାଆନ୍ତି । ଉକ୍ତ କଥା କାହାରିକୁ ଜ୍ଞାତ ନାହିଁ ଯେ, ଆସନ୍ତା ବର୍ଷ କିଏ ଜୀବିତ ରହିବ ଓ କାହାର ଡାକରା ଆସିଯିବ । ଅତଏବ୍ ମନୁଷ୍ୟ ଇହଧାମ ତ୍ୟାଗ କରିବା ପୂର୍ବରୁ ତା' ପକ୍ଷେ ଏହା ଆବଶ୍ୟକ ଯେ, ସେ ଈଶ୍ୱରଙ୍କ ସହିତ ସନ୍ଧି ସ୍ଥାପନ କରିନେଉ । ପ୍ରକୃତ କଥା ଏହିକି ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାବହଙ୍କ ସହିତ ପ୍ରକୃତ ପ୍ରେମ ସଂପର୍କ ସ୍ଥାପନ କରିନେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତିକୁ ଈଶ୍ୱରଙ୍କ ସାନ୍ନିଧ ଏବଂ ତାହାଙ୍କ ଦୟା ପ୍ରାପ୍ତ ହୋଇ ପାରିବ ନାହିଁ । ସେହି ବାର୍ତ୍ତାବହଙ୍କ ସହିତ ପ୍ରେମର ପ୍ରମାଣ ଏହିପରି ମିଳିଥାଏ ଯେ, ବ୍ୟକ୍ତି ସେହି ବାର୍ତ୍ତାବହଙ୍କର ଆଜ୍ଞାବହତ୍ୱକୁ ସ୍ୱୀକାର କରୁ ଓ ତାଙ୍କର ଆଜ୍ଞା ପାଳନ କରୁ ।"

ସାଧୁମାନେ ଯେଉଁ କଥା କୁହନ୍ତି ଯେ, ଯେପର୍ଯ୍ୟନ୍ତ ଶିଷ୍ୟ ନିଜ ଗୁରୁ ବା ମାର୍ଗଦର୍ଶକଙ୍କୁ ଅନ୍ୟ ସମସ୍ତଙ୍କ ଅପେକ୍ଷା ଉତ୍ତମ ବୋଲି ମନେକରେ ନାହିଁ ସେପର୍ଯ୍ୟନ୍ତ ସେହି ଶିଷ୍ୟକୁ ଗରୁଙ୍କ ପକ୍ଷରୁ କୌଣସି ଲାଭ ମିଳି ନଥାଏ। ମୋ ନିକଟରେ ଉକ୍ତ ପ୍ରସଙ୍ଗ ନିତାନ୍ତ ଆବଶ୍ୟକ। କିନ୍ତୁ ସେହି ଲୋକମାନେ ଯେଉଁମାନେ ଏହା କୁହନ୍ତି ଯେ, ମାର୍ଗଦର୍ଶକ (ଗୁରୁ)ଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ସେ ସବୁବେଳେ ବିମୁଖ ରୁହନ୍ତୁ । ଉକ୍ତ କଥାକୁ ମୁଁ (ହ. ମସିହ୍ ମଉଦ୍ ଅ.ସ) ସଠିକ୍ ବୋଲି ମନେକରୁ ନାହିଁ । ମନୁଷ୍ୟ ନିଜର ଚରିତ୍ର ଏବଂ ନିଜର ଅଭ୍ୟାସକୁ କିପରି ପରିତ୍ୟାଗ କରିପାରିବ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ମନୁଷ୍ୟ ଯେପରି ନିଜର ଚରିତ୍ର ଏବଂ ନିଜର ଅଭ୍ୟାସକୁ କେବେ ବି ପରିତ୍ୟାଗ କରିପାରିବ ନାହିଁ ସେହିପରି ମନୁଷ୍ୟ ଅବତାରତ୍ୱର ମାର୍ଗକୁ କେବେ ବି ପରିତ୍ୟାଗ ନକରୁ । ଅତଏବ୍ ମନୁଷ୍ୟ ସାମର୍ଥ୍ୟବାନ, ଯୋଗ୍ୟ ଓ ସହନଶୀଳ ଓ ବୀନମ୍ର ହୃଦୟର ବ୍ୟକ୍ତି ହେବା ଉଚିତ୍। ଯେଉଁ ବ୍ୟକ୍ତିମାନେ ଈଶ୍ୱରଙ୍କ ତରଫରୁ ଅବତାରତ୍ୱର ମାର୍ଗ ଅନୁଯାୟୀ ଏହି ମର୍ତ୍ତ୍ୟମଣ୍ଡଳକୁ ଆସନ୍ତି ତେବେ ସେମାନେ ସଚ୍ଚରିତ୍ର ଏବଂ ଉତ୍ତମ ଚରିତ୍ରବତ୍ତା ଘେନି ଏହି ମର୍ତ୍ତ୍ୟମଣ୍ଡଳକୁ ଆସିଥାଆନ୍ତି ।

ମୋର ଏହି ଧର୍ମମତ ରହିଛି ଯେ, ଅବତାରମାନଙ୍କର ପ୍ରଶଂସା କରିବା ବଦଳରେ ସେମାନଙ୍କ ବିରୁଦ୍ଧରେ କଥା କହିବା ମୋ ନିକଟରେ ଅବଜ୍ଞତା ଅଟେ । ସୁତରାଂ ଏହା ହିଁ ସବୁଠୁ ବଡ଼ କଥା ଯେ, ମନୁଷ୍ୟ ଉତ୍ତମ ଚରିତ୍ର ପ୍ରାପ୍ତ କରୁ ଓ ଧର୍ମପରାୟଣତା ଅବଲମ୍ବନ କରୁ । ଏଥି ନିମନ୍ତେ ସତ୍ୟବାଦୀମାନଙ୍କର ସାହଚର୍ଯ୍ୟତା ଏକାନ୍ତ ବିଧେୟ । ଅତଏବ ତୁମେମାନେ ମୋ (ହ. ମସିହ୍ ମଉଦ୍ ଅ.ସ) ନିକଟରେ (ମୋ ସାହଚର୍ଯ୍ୟତ୍ୱରେ) ରହିବା ପାଇଁ ଚିନ୍ତିତ ହୁଅ । **(ମଲ୍‌ଫୁଜାତ୍, ଭାଗ-2, ପୃ-35, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)** ☆--☆--☆

**ଏହି ସଂସାରଲୋକରେ ଅଲ୍ଲାଃତାଲା ଯେଭଳି ଭାବରେ ବସ୍ତୁ ବା ପଦାର୍ଥ ସୃଷ୍ଟି କରିଛନ୍ତି ତନ୍ମଧ୍ୟରୁ ପ୍ରତ୍ୟେକ ବସ୍ତୁର ନିଜସ୍ୱ ବକ୍କଲ (ବାହ୍ୟ ଆବରଣ) ରହିଥାଏ ଓ ଭିତରରେ ମଞ୍ଜି ଅର୍ଥାତ ତତ୍ତ୍ୱ ରହିଥାଏ । ଠିକ୍ ସେହିପରି ବଳିଦାନ କ୍ଷେତ୍ରରେ ମଧ୍ୟ ଯେତେବେଳେ କୌଣସି ଜୀବର ବଳିଦାନ ଦିଆଯାଏ ସେତେବେଳେ ଏହି ବଳିଦାନର ଅର୍ଥ ଏହିକି ଯେ, ଯେଉଁ ନିଷ୍ଠା ଏବଂ ଆନ୍ତରୀକତା ବଳିଦାନର ପ୍ରଚ୍ଛଦ ପଟରେ କାର୍ଯ୍ୟ କରୁଅଛି ତାହା ହିଁ ମୂଳତତ୍ତ୍ୱ ଅଟେ ।**

**ଏହି ଚୋପା (ବକ୍କଳ) ଅର୍ଥାତ୍ ଜୀବ ଅଦରକାରୀ ବସ୍ତୁ ନୁହେଁ ବରଂ ଅଭାବି ଏବଂ ଦରିଦ୍ର ଲୋକମାନଙ୍କ ନିମନ୍ତେ ଉପଯୋଗୀ ବସ୍ତୁ ଅଟେ । କାରଣ ଗରିବ ଲୋକମାନେ ସାଧାରଣତଃ ଏହି ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହି ଥାଆନ୍ତି । ଅତଃ ଅଲ୍ଲାଃତାଲା ଏହି ପ୍ରକାରର ଏକ ସଦକା (ଦାନ) ମଧ୍ୟ ଜାରି କରିଦେଲେ ଯହିଁରେ (ଯେଉଁ ସଦକାରେ) ଜୀବମାନଙ୍କର ବଳିଦାନ ଦିଆଯାଇଥାଏ । କାରଣ ଅଭାବି ଦରିଦ୍ର ଲୋକମାନଙ୍କର ମନ ଯେପରି ଉତ୍ପୀଡ଼ିତ ନ ହେଉ ଏବଂ ଗରିବ ଲୋକମାନେ ଉକ୍ତ ପୁଷ୍ଟିକର ଖାଦ୍ୟ ଖାଇ ନିଜର ଆର୍ଥିକ ଅଭାବ ଯୋଗୁଁ ବଞ୍ଚିତ ନରୁହନ୍ତୁ ।**

## ବଳିଦାନର ଦର୍ଶନଶାସ୍ତ୍ର ଏବଂ ବଳିଦାନର ତତ୍ତ୍ୱ ଓ ବଳିଦାନ ଉପରେ ଉତ୍ଥାପିତ ହେଉଥିବା ପ୍ରଶ୍ନର ଉତ୍ତର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା ୩୮ର ବ୍ୟାଖ୍ୟା କରି କୁହନ୍ତି: "ଉକ୍ତ ଆୟତରୁ ଏହା ମଧ୍ୟ ସାବ୍ୟସ୍ତ ହୋଇଥାଏ ଯେ, ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ କୌଣସି କାର୍ଯ୍ୟ ବା କର୍ମର ପ୍ରକାଶ୍ୟ ରୂପ ଜନିତ ପରିଣାମ ସୃଷ୍ଟି ହୋଇ ନଥାଏ । ବରଂ ବଳିଦାନର ସେହି ଆତ୍ମା ହିଁ ପରିଣାମ ସୃଷ୍ଟି କରିଥାଏ ଯାହା କର୍ମର ପ୍ରଚ୍ଛଦ ପଟରେ କାର୍ଯ୍ୟ କରିଥାଏ । ସୁତରାଂ ପ୍ରତିକୂଳ ପରିସ୍ଥିତି ଯୋଗୁଁ ବେଳେବେଳେ କର୍ମର ବାହ୍ୟ ସ୍ଥିତି ବା ବାହ୍ୟ ରୂପରେ ଯେଉଁ ପାର୍ଥକ୍ୟ ସୃଷ୍ଟି ହୁଏ ତାହା କୌଣସି ବ୍ୟକ୍ତିକୁ ଉନ୍ନତିରୁ ପ୍ରତିରୋଧ କରି ନଥାଏ। ବରଂ ଅଲ୍ଲାଃତାଲା ଫଳାଫଳ ତଥା ପରିଣାମ ସମୟରେ ସେହି ବଳିଦନାର ଆତ୍ମା ତଥା ମନୋଭାବକୁ ଦୃଷ୍ଟିରେ ରଖି ତଦନୁଯାୟୀ ନିର୍ଣ୍ଣୟ କରିଥାଆନ୍ତି । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ନିକଟରେ 10,000/- ଟଙ୍କା ଅଛି ଓ ସେ ସେହି ଟଙ୍କାରୁ 100/- ଟଙ୍କା ଗରିବଙ୍କ ମଧ୍ୟରେ ବାଣ୍ଟିଦିଏ । ସେହିପରି ଜଣେ ବ୍ୟକ୍ତି ନିକଟରେ 10/- ଟଙ୍କା ଅଛି ଓ ସେହି ବ୍ୟକ୍ତି ଉକ୍ତ ଟଙ୍କାରୁ 5/-ଟଙ୍କା ଗରିବ ଲୋକକୁ ଦେଇ ଦିଏ ତେବେ ଫଳାଫଳ 5/- ଟଙ୍କା ଓ 100/-ଟଙ୍କା ଅନୁଯାୟୀ ବାହାରିବ ନାହିଁ । ବରଂ ଏହା ଦେଖାଯିବ ଯେ, ଉଭୟ ଲୋକଙ୍କୁ କେତେ ଆବଶ୍ୟକତା ରହିଥିଲା ଓ ସେମାନେ ଆବଶ୍ୟକ ସ୍ଥଳେ କେତେ ବଳିଦାନ ଦେଲେ ? ଅବା ଉଭୟ ବ୍ୟକ୍ତିଙ୍କୁ ସଦ୍‌କା କରିବା ପାଇଁ କେଉଁ ବସ୍ତୁ ପ୍ରବର୍ତ୍ତାଇଲା ? ସେହି ଦୁହିଁଙ୍କ ମଧ୍ୟରୁ କେଉଁ ବ୍ୟକ୍ତିର ସଦ୍‌କା ବା ବଳିଦାନ ସବୁଠାରୁ ଉତ୍ତମ ଅଟେ ? ଯେତେବେଳେ ପ୍ରତିଫଳ ତା'ର ମୂଳଧନ ଅନୁଯାୟୀ ପ୍ରାପ୍ତ ହୁଏ ତେବେ ପ୍ରକାଶ୍ୟଗତ ମତଭେଦ ସତ୍ତ୍ୱେ କୌଣସି ବ୍ୟକ୍ତିକୁ କିଛି କ୍ଷତି ସହ୍ୟ କରିବାକୁ ପଡ଼ିବ ନାହିଁ । ଅର୍ଥାତ୍ ଯେପରି କେବଳ ଜୀବମାନଙ୍କର ବଳିଦାନ ଦେବା ଦ୍ୱାରା କୌଣସି ଲାଭ ଦେଇ ନଥାଏ ବରଂ ଈଶ୍ୱରଙ୍କ ନିକଟରେ ତୁମମାନଙ୍କର ଧର୍ମନିଷ୍ଠତା ହିଁ ପହଞ୍ଚିଥାଏ । ଉକ୍ତ ନିଷ୍ଠା ଏବଂ ଧର୍ମପରାଣତାକୁ ଆୟୁକ୍ତ କରି ଯେଉଁ ବ୍ୟକ୍ତି ବଳିଦାନ ଦେଇଥାଏ ତାହାକୁ ଈଶ୍ୱର ଗ୍ରହଣ କରିଥାଆନ୍ତି । ଏହି ଧର୍ମ ନିଷ୍ଠତା ହିଁ ବଳିଦାନ ଦେବା ନିମନ୍ତେ ମନୁଷ୍ୟକୁ ପ୍ରବର୍ତ୍ତାଇ ଥାଏ । ଅତଏବ୍ ଯେଉଁ ବ୍ୟକ୍ତି ପାଖରେ ଧର୍ମନିଷ୍ଠତା ଥିବ ତେବେ ସେହି ବ୍ୟକ୍ତିର ଆଠେଣା (50/- ପଇସା) ମଧ୍ୟ 100/- ଟଙ୍କା ଥିବା ବ୍ୟକ୍ତି ଅପେକ୍ଷା ଅଧିକ ମୂଲ୍ୟମାନେ ହୋଇଥାଏ ଅର୍ଥାତ୍ ଯେଉଁ ବ୍ୟକ୍ତି ଧର୍ମପରାୟଣ ଶୂନ୍ୟ ହୋଇଥାଏ ତା' ଅପେକ୍ଷା ଧର୍ମପରାୟ ବ୍ୟକ୍ତି ଅଧିକ ମୂଲ୍ୟବାନ ହୋଇଥାଏ । କାରଣ ପବିତ୍ର କୁରଆନ୍ କରୀମ୍ ଏହି ନୀତି ବର୍ଣ୍ଣନା କରିଛି ଯେ, ଅଲ୍ଲାଃତାଲା ରକ୍ତ ମାଂସକୁ ଦେଖନ୍ତି ନାହିଁ ବରଂ ସେ ମନୁଷ୍ୟ ମନରେ ଥିବା ଅନ୍ତରୀକତା, ଶ୍ରଦ୍ଧା ଓ ଧର୍ମନିଷ୍ଠତା ଥିବା ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ହିଁ ଦେଖନ୍ତି ।

ଜଣେ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ଖୁବ୍ ସହଜରେ 100ଟି ଓଟ କିମ୍ବା 100ଟି ମେଣ୍ଢା ଜେବହ୍ କପିରାରେ । କିନ୍ତୁ ଜଣେ ଦରିଦ୍ର ତଥା ଗରିବ ବ୍ୟକ୍ତି ଯେକି ବର୍ଷ ତମାମ କୁର୍ବାନୀ (ବଳିଦାନ) ନିମନ୍ତେ ଟଙ୍କା ଜମା କରିଥାଏ । ସେହି ବ୍ୟକ୍ତିର ପ୍ରତ୍ୟେକ ଦିନ ଏହି ଉତ୍କଣ୍ଠାରେ ଅତିବାହିତ ହୋଇଥାଏ ଯେ, ଏପରି ହୁଅନ୍ତା କି ମୋ ନିକଟରେ ଏତେ ଟଙ୍କା ହୋଇଯିବ ଏବଂ ମୁଁ ମଧ୍ୟ ଥରେ ପବିତ୍ର ଇଦୁଲ୍ ଅଜହା ଅବସରରେ ବଳିଦାନ ଦେଇ ଅର୍ଥାତ୍ ଜୀବକୁ ଜେବହ୍ କରି ତା'ର ମାଂସ ଈଶ୍ୱରଙ୍କ ମାର୍ଗରେ ବାଣ୍ଟିଦେବି ଓ ଆଉ କିଛି ମାଂସ ନିଜର ବନ୍ଧୁ ପରିଜନମାନଙ୍କୁ ଉପହାର ସ୍ୱରୂପ ଉପସ୍ଥାପିତ କରିଦେବି । ଅତଏବ୍ ସେହି ଦରିଦ୍ର ବ୍ୟକ୍ତି ବର୍ଷ ସାରା ପରିଶ୍ରମ ଓ ଦଉଡ଼ା ଦଉଡ଼ି କରିବା ପରେ ଏକ ସାଧାରଣ ଛେଳୀ କିମ୍ବା ଛୋଟିଆ ମେଣ୍ଢାର ବଳିଦାନ ଦେଇଥାଏ ତେବେ କ'ଣ ତୁମେମାନେ ଏହା ମନେକର ଯେ, ଈଶ୍ୱର ସେହି ସାଧାରଣ ଏବଂ ଛୋଟିଆ ଛେଳୀ କିମ୍ବା ଛୋଟିଆ ମେଣ୍ଢାକୁ ରଦ୍ଦ (ଅସ୍ୱୀକାର) କରିଦେବେ ଓ ସେହି ଧନୀ ବ୍ୟକ୍ତିର ପୃଥଳ, ମାଂସଳ ଏବଂ ସୁସ୍ଥ ମେଣ୍ଢାକୁ ସ୍ୱୀକାର କରିନେବେ । ଈଶ୍ୱର ଯଦି ମନୁଷ୍ୟର କର୍ମ ଅନୁଯାୟୀ ନ୍ୟାୟ ବିଚାର କରନ୍ତି ତେବେ ନିଃସନ୍ଦେହ ସେହି ଧନୀକ ବ୍ୟକ୍ତିର ସୁସ୍ଥ ସବଳ ଏବଂ ପୃଥୁଳାକାୟ ମେଣ୍ଢାର ବଳିଦାନକୁ ସ୍ୱୀକାର କରିନିଅନ୍ତେ ଓ ଦରିଦ୍ର (ଗରିବ ବ୍ୟକ୍ତିର) ସମାନ୍ୟ ମେଣ୍ଢାର ବଳିଦାନକୁ ପ୍ରତ୍ୟାଖ୍ୟାନ କରିଦେଇ ଥାଆନ୍ତେ । କିନ୍ତୁ ଅଲ୍ଲାଃତାଲାଙ୍କ ନ୍ୟାୟ ବିଚାର ମନୁଷ୍ୟର କର୍ମ ଅନୁଯାୟୀ ହେବ ନାହିଁ। ବରଂ ପ୍ରଭୁ ଏହା କୁହନ୍ତି ଯେ, يَنَالُهُ التَّقْوٰى مِنْكُمْ **(ଅଲ୍ ହଜ୍:38)** ଅର୍ଥାତ୍ ଅଲ୍ଲାଃତାଲାଙ୍କ ନିକଟରେ ଜୀବମାନଙ୍କର ମାଂସ ଓ ରକ୍ତ କଦାପି ପହଞ୍ଚେ ନାହିଁ । କିନ୍ତୁ ତୁମମାନଙ୍କ ଆନ୍ତରିକ ଆବେଗ ଜନିତ ଧର୍ମଭୀରୁତା ତାହାଙ୍କ ନିକଟରେ ପହଞ୍ଚେ । ଅର୍ଥାତ୍ ଆନ୍ତରିକ, ମନୋଗତ ଆବେଗ ଜନିତ ଧର୍ମଭୀରୁତା ଅନୁଯାୟୀ ନ୍ୟାୟ ବିଚାର ହୋଇଥାଏ । ଅଲ୍ଲାଃତାଲାଙ୍କ ନିକଟରେ ଯଦି ଜୀବମାନଙ୍କର ରକ୍ତ ମାଂସ ପହଞ୍ଚନ୍ତା ତେବେ ସେ ଭଲ, ସୁସ୍ଥ ସବଳ ଜୀବର ମାଂସକୁ ପସନ୍ଦ କରିନେଇ ଥାଆନ୍ତେ । ଅଲ୍ଲାଃତାଲା ସେହି ବଳିଦାନକୁ ସ୍ୱୀକାର କରିନେଇ ଥାଆନ୍ତେ ଯେଉଁ ଜୀବର ଅଧିକ ରକ୍ତ କ୍ଷରିତ (ରକ୍ତପାତ) କରାଯାଇଥିବ। କିନ୍ତୁ ଅଲ୍ଲାଃତାଲା କୁହନ୍ତି ଆମ୍ଭ ନିକଟରେ ସେହି ଜୀବମାନଙ୍କର ରକ୍ତ, ମାଂସ ମଧ୍ୟରୁ କୌଣସି ବସ୍ତୁ ପହଞ୍ଚେ ନାହିଁ । ଆମ ନିକଟରେ ତ' ବଳିଦାନ କରିବା ପଛରେ ଯେଉଁ ଅନ୍ତର୍ନିହିତ ଉଦ୍ଦେଶ୍ୟ (ଅର୍ଥାତ୍ ଆନ୍ତରିକ ଧର୍ମନିଷ୍ଠାତା) ହୋଇଥାଏ ତାହା ହିଁ ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚିଥାଏ । ଯଦି ଏକ ଛୋଟିଆ ମେଣ୍ଢା ଜେବହ୍ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟ ସର୍ବୋଚ୍ଚ ଥିଲା ଓ 200 ଟି ବଡ଼ ବଡ଼ ମେଣ୍ଢା ଜେବହ୍ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟ ସତ୍‌ଉଦ୍ଦେଶ୍ୟ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟ ନଥିଲା । ତେବେ ପ୍ରଳୟ ଦିବସ ଦିନ ଯେଉଁ ବ୍ୟକ୍ତି 200ଟି ମେଣ୍ଢା ଜେବହ୍ କରିଥିବ । ଯଦି ସେହି ବ୍ୟକ୍ତିର ହୃଦୟରେ ଆନ୍ତରୀକତା ଏବଂ ଧର୍ମ ନିଷ୍ଠତା ନଥାଏ ତେବେ ସେହି ବ୍ୟକ୍ତି ସହିତ 200 ମେଣ୍ଢା ହେବ ନାହିଁ ବରଂ ଏକ ରୁଗ୍ଣ ମେଣ୍ଢା ହେବ । ସେହିପରି ଯେଉଁ ବ୍ୟକ୍ତି ଏକ ଛୋଟିଆ ମେଣ୍ଢା ଜେବହ୍ କରିଥିଲା ପ୍ରଳୟ ଦିବସ ଦିନ ତା' ସହିତ ଏକ ଛୋଟିଆ ମେଣ୍ଢା ହେବ ନାହିଁ ବରଂ ସହସ୍ର ସହସ୍ର ସୁସ୍ଥ ସବଳ ମୋଟାତାଜା ମେଣ୍ଢାମାନେ ହେବେ । କାରଣ ଆରଧାମରେ ସମସ୍ତ ବସ୍ତୁ ଅନ୍ତର୍ନିହିତ ବସ୍ତୁ ଅଧୀନ ହୋଇଯାଆନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ଏହା ତ' ଆଧ୍ୟାତ୍ମିକ ଦୃଷ୍ଟିକୋଣ ଅନୁଯାୟୀ ବଳିଦାନର ବାସ୍ତବତା ସଂପର୍କରେ ବର୍ଣ୍ଣନା କରାଯାଇଛି । ବସ୍ତୁବାଦୀ ହିସାବରେ ତୁମେମାନେ ଏହା ଉପରେ ଯଦି ବିଚାର କର ତେବେ ତୁମେମାନଙ୍କୁ ଜ୍ଞାତ ହେବ ଯେ, ଅଲ୍ଲାଃତାଲା ଯେଭଳି ବସ୍ତୁ ସଂସାରରେ ସୃଷ୍ଟି କରିଛନ୍ତି ତନ୍ମଧ୍ୟରୁ ପ୍ରତ୍ୟେକ ବସ୍ତୁ ବା ପଦାର୍ଥର ଚୋପା ଅର୍ଥାତ୍ ବକ୍କଳ ହୋଇଥାଏ ଓ ଏକ ମଞ୍ଜି ଅର୍ଥାତ୍ ଭିତରର ତତ୍ତ୍ୱ ମଧ୍ୟ ହୋଇଥାଏ । ସଂସାରରେ ଏପରି କୌଣସି ବସ୍ତୁ ନାହିଁ ମଞ୍ଜି (ସାରତତ୍ତ୍ୱ) ବସ୍ତୁ ନାହିଁ ଯାହା ଚୋପା (ବାହ୍ୟ ଆବରଣ) ରହିତ ବା ବିହୀନ ହୋଇଥିବ। ସେହିପରି ଏପରି କୌଣସି ଚୋପା ନାହିଁ ଯାହା ମଧ୍ୟରେ ମଞ୍ଜି (ସାରତତ୍ତ୍ୱ) ନଥିବ । ଏହିପରି ଅବସ୍ଥା ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ ନମାଜରେ କିୟାମ୍ (ଛିଡ଼ା ହେବା), ରୁକୁ (ଆଣ୍ଠୁ ଉପରେ ହାତ ରଖି ଅର୍ଦ୍ଧ ଆନତ ହେବା), କୁଉଦ୍ (ଆଣ୍ଠୁ ମାଡ଼ି ବସିବା), ସିଜ୍‌ଦା (ଈଶ୍ୱରଙ୍କ ସମ୍ମୁଖରେ ମଥାନତ ହେବା) ଏକ ଚୋପା (ବକ୍କଳ) ପରି । କିନ୍ତୁ ସେହି ଆଧ୍ୟାତ୍ମିକ ପ୍ରଭାବ ଯାହାକି କିୟାମ୍, କୁଉଦ୍, ରୁକୁ ଓ ସୁଜୁଦ୍ ଫଳରେ ସୃଷ୍ଟି ହୋଇଥାଏ ତାହା ମଞ୍ଜି (ସାରତତ୍ତ୍ୱ) ଅଟେ । କିନ୍ତୁ ସେହି ନିଷ୍ଠା ଯାହାକି ଉକ୍ତ ବଳିଦାନ ପଛରେ କାମ କରିଥାଏ ତାହା ମଞ୍ଜି ଅର୍ଥାତ୍ ସାରତତ୍ତ୍ୱ ଅଟେ । ଅତଏବ୍ ଅଲ୍ଲାଃତାଲା କୁହନ୍ତି ଯେ, ତୁମମାନଙ୍କ ବଳିଦାନର ରକ୍ତ ମାଂସ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚି ନଥାଏ । ବରଂ ହୃଦୟରେ ଥିବା ଆନ୍ତରିକ ଧର୍ମନିଷ୍ଠତା ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ। ସମ୍ଭବତଃ କୌଣସି ବ୍ୟକ୍ତି ଏହି ପ୍ରଶ୍ନ କରି କହିବ କି ଯଦି ଧର୍ମପରାୟଣତା ବା ଧର୍ମନିଷ୍ଠତାର ଆବଶ୍ୟକତା ଥିଲା ତାହାହେଲେ ଜୀବମାନଙ୍କର କାହିଁକି ବଳିଦାନ ଦିଆଗଲା ଓ ଜୀବନମାନଙ୍କୁ କାହିଁକି ବଳିଦାନ ଦିଆଯାଏ ? ଉକ୍ତ ପ୍ରଶ୍ନର ଉତ୍ତର ଏହିକି ଯେ, ପ୍ରତ୍ୟେକ ମଞ୍ଜି ବସ୍ତୁର ଚୋପା (ବକ୍କଳ/ବାହ୍ୟ ଆବରଣ) ଥାଏ । ଦ୍ୱିତୀୟ ଉତ୍ତର ଏହିକି ଯେ, ଚୋପା ବା ବକ୍କଳ ଅଦରକାରୀ ବସ୍ତୁ ନୁହେଁ । ବରଂ ବକ୍କଳ ଅଭାବି, ଦରିଦ୍ରମାନଙ୍କ ନିମନ୍ତେ ଉପଯୋଗୀ ବସ୍ତୁ ଅଟେ । କାରଣ ଗରିବ ଲୋକମାନେ ସାଧାରଣତଃ ଏହି ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହି ଥାଆନ୍ତି । ଅତଃ ଅଲ୍ଲାଃତାଲା) ଏହି ପ୍ରକାରର ଏକ ସଦ୍‌କା (ଦାନ) ମଧ୍ୟ ଜାରି କରିଦେଲେ ଯହିଁରେ (ଯେଉଁ ସଦ୍‌କାରେ) ଜୀବମାନଙ୍କର ବଳିଦାନ ଦିଆଯାଇଥାଏ । କାରଣ ଅଭାବି ଦରିଦ୍ର ଲୋକମାନଙ୍କର ମନ ଉତ୍ପୀଡ଼ିତ ନ ହେଉ ଏବଂ ଗରିବ ଲୋକମାନେ ଉକ୍ତ ପୁଷ୍ଟିକର ଖାଦ୍ୟ ଖାଇ ନିଜର ଆର୍ଥିକ ଅଭାବ ଯୋଗୁଁ ବଞ୍ଚିତ ନରୁହନ୍ତୁ । ସେଇଥି ପାଇଁ ଅଲ୍ଲାଃତାଲା କୁହନ୍ତି; ଆମ୍ଭେମାନେ ଉକ୍ତ ବଳିଦାନ ଜୀବ ଉପରେ ତୁମ୍ଭକୁ ସତ୍ତ୍ୱାଧିକାର ପ୍ରଦାନ ଏଇଥିପାଇଁ କରିଛୁ ଯେ, ତୁମ୍ଭେମାନେ ଅଲ୍ଲାଃତାଲାଙ୍କ ମାର୍ଗଦର୍ଶନ ଅନୁଯାୟୀ ସେହି ଜୀବମାନଙ୍କ ଉପରେ ପ୍ରଭୁଙ୍କ ନାମ ନେଇ ଓ ଅଭାବି ଦରିଦ୍ର ବ୍ୟକ୍ତିମାନଙ୍କର ଲାଳନ ପାଳନ ଦାୟିତ୍ୱ ନିର୍ବାହ କରୁଥାଅ । ତୁମ୍ଭେମାନେ ଏକଥା ମନେରଖ ଯେ, ଯେଉଁମାନେ ! ଈଶ୍ୱରଙ୍କ **(ଅବଶିଷ୍ଟାଂଶ......ପୃ-7ରେ)**

## (ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅ ଅହ୍‌ଜାବ୍ ଯୁଦ୍ଧ ପୂର୍ବରୁ ଅବୁ ସୁଫିୟାନ୍‌ର ଏକ ପତ୍ରର ଉତ୍ତରରେ ଉଲ୍ଲେଖ କଲେ: "ଶୁଣ ହେ ପରିଣାମଦର୍ଶୀ ! ଈଶ୍ୱର ଆମ୍ଭକୁ ସାଫଲ୍ୟମଣ୍ଡିତ କରିବେ ଏବଂ ହେ ବନୁ ଗାଲିବ୍‌ର ମୂର୍ଖ ବ୍ୟକ୍ତିମାନେ ! ମନେରଖ ଦିନ ଆସିବ ଯେ, ତୁମମାନଙ୍କର ଲାତ୍ ଓ ଉଜ୍‌ଜା, ଇସାଫ, ନାଏଲା ଓ ହୁବୁଲ୍ ଦେବତାଙ୍କୁ ଖଣ୍ଡ ବିଖଣ୍ଡିତ କରିଦଆଯିବ । ମୁଁ ତୁମମାନଙ୍କୁ ଏହିସବୁ କଥା ସେତେବେଳେ ସ୍ମରଣ କରାଇବି ।"

ଖନ୍ଦକ୍ (ଗର୍ତ୍ତ) ଖୋଳିବାର ନିଷ୍ପତ୍ତି କେବଳ ହ. ସଲ୍‌ମାନ ଫାର୍ସି ର.ଅଙ୍କ ପରାମର୍ଶ ଯୋଗୁଁ ନିଆଯାଇ ନଥିଲା । ବରଂ ଅଲ୍ଲାଃତାଲା ଐଶୀବାଣୀ ସ୍ୱରୂପ ନବୀ କରୀମ୍ ସ.ଅଙ୍କୁ ଉକ୍ତ ପନ୍ଥା ସଂପର୍କରେ ଅବଗତ କରିଥିଲେ ।

ଅହଜାବ୍ ଯୁଦ୍ଧର କାରଣ ଏବଂ ଯୁଦ୍ଧର ପ୍ରାରମ୍ଭିକ ଅବସ୍ଥା ଓ ଘଟଣାବଳୀର ବର୍ଣ୍ଣନା ।

ପାକିସ୍ତାନ୍‌ର ଅହେମଦି ଏବଂ ସାମୂହିକ ରୂପେ ସଂସାର ଜଗତର ମଙ୍ଗଳ କାମନା ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ଆହ୍ୱାନ । ସେହିପରି ପାକିସ୍ତାନ୍‌ର ଅହେମଦିମାନଙ୍କୁ ଦୁଆ ଏବଂ ଦାନ ଦକ୍ଷିଣା କରିବା ପ୍ରତି ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁପ୍ରାଣିତ କରିବା ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 06 SEPTEMBER 2024 ମସିହା ଅନୁଯାୟୀ ୦୬/ ତୁବୁକ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜି ମୁଁ ଖନ୍ଦକ୍ ଯୁଦ୍ଧ ଏବଂ ଅହ୍‌ଜାବ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରିବି । ଉକ୍ତ ଯୁଦ୍ଧ ଦ୍ୱୟ 5 ହିଜ୍ରୀ ଅନୁଯାୟୀ ଫେବୃୟାରୀ ଓ ମାର୍ଚ୍ଚ ମାସ 627 ମସିହାରେ ହୋଇଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-573)**

ପବିତ୍ର କୁରଆନ୍ କରୀମ୍‌ରେ ଅହ୍‌ଜାବ୍ ଯୁଦ୍ଧ ସଂପର୍କରେ ଏହିପରି ଚର୍ଚ୍ଚା ମିଳେ:

اَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ يٰۤاَيُّهَا الَّذِيْنَ اٰمَنُوا اذْكُرُوْا نِعْمَةَ اللّٰهِ عَلَيْكُمْ اِذْ
جَآءَتْكُمْ جُنُوْدٌ فَاَرْسَلْنَا عَلَيْهِمْ رِيْحًا وَّ جُنُوْدًا لَّمْ تَرَوْهَا وَكَانَ اللّٰهُ بِمَا تَعْمَلُوْنَ بَصِيْرًا
﴿۱۰﴾ اِذْ جَآءُوْكُمْ مِّنْ فَوْقِكُمْ وَمِنْ اَسْفَلَ مِنْكُمْ وَاِذْ زَاغَتِ الْاَبْصَارُ وَبَلَغَتِ الْقُلُوْبُ
الْحَنَاجِرَ وَتَظُنُّوْنَ بِاللّٰهِ الظُّنُوْنَا ﴿۱۱﴾ هُنَالِكَ ابْتُلِيَ الْمُؤْمِنُوْنَ وَزُلْزِلُوْا زِلْزَالًا شَدِيْدًا
﴿۱۲﴾ وَاِذْ يَقُوْلُ الْمُنٰفِقُوْنَ وَالَّذِيْنَ فِيْ قُلُوْبِهِمْ مَّرَضٌ مَّا وَعَدَنَا اللّٰهُ وَرَسُوْلُهٗۤ اِلَّا غُرُوْرًا
﴿۱۳﴾ وَاِذْ قَالَتْ طَّآئِفَةٌ مِّنْهُمْ يٰۤاَهْلَ يَثْرِبَ لَا مُقَامَ لَكُمْ فَارْجِعُوْا وَيَسْتَاْذِنُ فَرِيْقٌ مِّنْهُمُ
النَّبِيَّ يَقُوْلُوْنَ اِنَّ بُيُوْتَنَا عَوْرَةٌ ۚ وَمَا هِيَ بِعَوْرَةٍ اِنْ يُّرِيْدُوْنَ اِلَّا فِرَارًا ﴿۱۴﴾ وَلَوْ دُخِلَتْ
عَلَيْهِمْ مِّنْ اَقْطَارِهَا ثُمَّ سُئِلُوا الْفِتْنَةَ لَاٰتَوْهَا وَمَا تَلَبَّثُوْا بِهَاۤ اِلَّا يَسِيْرًا ﴿۱۵﴾ وَلَقَدْ كَانُوْا
عَاهَدُوا اللّٰهَ مِنْ قَبْلُ لَا يُوَلُّوْنَ الْاَدْبَارَ وَكَانَ عَهْدُ اللّٰهِ مَسْـُٔوْلًا ﴿۱۶﴾ قُلْ لَّنْ يَّنْفَعَكُمُ الْفِرَارُ
اِنْ فَرَرْتُمْ مِّنَ الْمَوْتِ اَوِ الْقَتْلِ وَاِذًا لَّا تُمَتَّعُوْنَ اِلَّا قَلِيْلًا ﴿۱۷﴾ قُلْ مَنْ ذَا الَّذِيْ يَعْصِمُكُمْ
مِّنَ اللّٰهِ اِنْ اَرَادَ بِكُمْ سُوْٓءًا اَوْ اَرَادَ بِكُمْ رَحْمَةً ۚ وَلَا يَجِدُوْنَ لَهُمْ مِّنْ دُوْنِ اللّٰهِ وَلِيًّا وَّلَا نَصِيْرًا
﴿۱۸﴾ قَدْ يَعْلَمُ اللّٰهُ الْمُعَوِّقِيْنَ مِنْكُمْ وَالْقَآئِلِيْنَ لِاِخْوَانِهِمْ هَلُمَّ اِلَيْنَا ۚ وَلَا يَاْتُوْنَ الْبَاْسَ
اِلَّا قَلِيْلًا ﴿۱۹﴾ اَشِحَّةً عَلَيْكُمْ ۚ فَاِذَا جَآءَ الْخَوْفُ رَاَيْتَهُمْ يَنْظُرُوْنَ اِلَيْكَ تَدُوْرُ اَعْيُنُهُمْ
كَالَّذِيْ يُغْشٰى عَلَيْهِ مِنَ الْمَوْتِ ۚ فَاِذَا ذَهَبَ الْخَوْفُ سَلَقُوْكُمْ بِاَلْسِنَةٍ حِدَادٍ اَشِحَّةً عَلَى الْخَيْرِ
اُولٰٓئِكَ لَمْ يُؤْمِنُوْا فَاَحْبَطَ اللّٰهُ اَعْمَالَهُمْ ۚ وَكَانَ ذٰلِكَ عَلَى اللّٰهِ يَسِيْرًا ﴿۲۰﴾ يَحْسَبُوْنَ الْاَحْزَابَ
لَمْ يَذْهَبُوْا ۚ وَاِنْ يَّاْتِ الْاَحْزَابُ يَوَدُّوْا لَوْ اَنَّهُمْ بَادُوْنَ فِي الْاَعْرَابِ يَسْاَلُوْنَ عَنْ اَنْۢبَآئِكُمْ
وَلَوْ كَانُوْا فِيْكُمْ مَّا قٰتَلُوْۤا اِلَّا قَلِيْلًا ﴿۲۱﴾ لَقَدْ كَانَ لَكُمْ فِيْ رَسُوْلِ اللّٰهِ اُسْوَةٌ حَسَنَةٌ لِّمَنْ
كَانَ يَرْجُوا اللّٰهَ وَالْيَوْمَ الْاٰخِرَ وَذَكَرَ اللّٰهَ كَثِيْرًا ﴿۲۲﴾ وَلَمَّا رَاَ الْمُؤْمِنُوْنَ الْاَحْزَابَ ۙ قَالُوْا
هٰذَا مَا وَعَدَنَا اللّٰهُ وَرَسُوْلُهٗ وَصَدَقَ اللّٰهُ وَرَسُوْلُهٗ ۚ وَمَا زَادَهُمْ اِلَّاۤ اِيْمَانًا وَّتَسْلِيْمًا ﴿۲۳﴾ مِنَ
الْمُؤْمِنِيْنَ رِجَالٌ صَدَقُوْا مَا عَاهَدُوا اللّٰهَ عَلَيْهِ ۚ فَمِنْهُمْ مَّنْ قَضٰى نَحْبَهٗ وَمِنْهُمْ مَّنْ يَّنْتَظِرُ
وَمَا بَدَّلُوْا تَبْدِيْلًا ﴿۲۴﴾ لِّيَجْزِيَ اللّٰهُ الصّٰدِقِيْنَ بِصِدْقِهِمْ وَيُعَذِّبَ الْمُنٰفِقِيْنَ اِنْ شَآءَ اَوْ
يَتُوْبَ عَلَيْهِمْ ۚ اِنَّ اللّٰهَ كَانَ غَفُوْرًا رَّحِيْمًا ﴿۲۵﴾ وَرَدَّ اللّٰهُ الَّذِيْنَ كَفَرُوْا بِغَيْظِهِمْ لَمْ يَنَالُوْا
خَيْرًا ۚ وَكَفَى اللّٰهُ الْمُؤْمِنِيْنَ الْقِتَالَ ۚ وَكَانَ اللّٰهُ قَوِيًّا عَزِيْزًا ﴿۲۶﴾ **(ଅଲ୍ ଅହ୍‌ଜାବ୍: 10-26)**

**ଅନୁବାଦ୍:** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କର ସେତେବେଳେ କୃପାକୁ ସ୍ମରଣ କର ଯେତେବେଳେ ତୁମମାନଙ୍କ ଉପରକୁ କେତେକ ସୈନ୍ୟବାହିନୀମାନେ ମାଡ଼ି ଆସିଥିଲେ ଏବଂ ଆମ୍ଭେ ସେମାନଙ୍କ ବିରୁଦ୍ଧରେ ଏକ ପ୍ରଖର ବାୟୁ ☆[୧] ପ୍ରେରଣ କରିଥିଲୁ ଏବଂ ଏପରି ସୈନ୍ୟବାହିନୀ ପ୍ରେରଣ କିରଥିଲୁ ଯାହାକୁ ତୁମେମାନେ ଦେଖିପାରୁ ନଥିଲ ଏବଂ ଅଲ୍ଲାଃଙ୍କ ତୁମମାନଙ୍କର କାର୍ଯ୍ୟକୁ ଭଲ ବାବରେ ଲକ୍ଷ୍ୟ କରନ୍ତି ।

(☆[୧] ଏଠାରେ ଅହ୍‌ଜାବ୍ ଯୁଦ୍ଧ ବିଷୟରେ ବର୍ଣ୍ଣନା ଅଛି । ଏହି ଯୁଦ୍ଧ ହିଜ୍ରୀ ଅବ୍ଦର ପଞ୍ଚମ ବର୍ଷରେ ହୋଇଥିଲା । ଏଠାରେ ମୁସଲମାନମାନଙ୍କ ବିରୁଦ୍ଧରେ ସମଗ୍ର ଆରବ ଜଗତ ଏକତ୍ରିତ ହୋଇଥିଲା କିନ୍ତୁ ପ୍ରକୃତିର ଶକ୍ତି ସେମାନଙ୍କୁ ବିବ୍ରତ କରି ପକାଇବା ସଙ୍ଗେସଙ୍ଗେ ସେମାନଙ୍କର ମନୋବଳକୁ ମଧ୍ୟ ଭାଙ୍ଗି ଦେଇଥିଲା । ଯେଉଁ ଦିନ ଶତ୍ରୁ ପକ୍ଷ ଆସନ୍ନ ବିଜୟ ସମ୍ବନ୍ଧରେ ସଂପୂର୍ଣ୍ଣ ଆସ୍ଥାବାନ ହୋଇଥିଲେ ସେହିଦିନ ପ୍ରବଳ ବେଗରେ ବାୟୁ ପ୍ରବାହିତ ହୋଇଥିଲା ଓ ରାତ୍ରି ସମୟରେ ବିଭିନ୍ନ ଶିବିରର ଅଗ୍ନି ନିର୍ବାପିତ ହୋଇଯାଇଥିଲା । ଏପରି ଘଟଣାକୁ ତତ୍କାଳୀନ ଆରବୀୟମାନେ ଅଶୁଭ ଶକୁନ ବୋଲି ବିଚାର କରୁଥିଲେ । ଫଳରେ ଏହି ଦୃଶ୍ୟ ଦେଖି ସେନାଧ୍ୟକ୍ଷମାନେ ପାଗଳପ୍ରାୟ ହୋଇଯାଇଥିଲେ ଏବଂ ନିଜ ନିଜ ଦଳକୁ ନେଇ ସେଠାରୁ ପଳାୟନ କରିଥିଲେ ଓ ମୁସଲମାନମାନେ ବର୍ତ୍ତି ଯାଇଥିଲେ ।) ସେହି ସମୟକୁ ସ୍ମରଣ କର ଯେତେବେଳେ ତୁମମାନଙ୍କ ଶତ୍ରୁମାନେ ତୁମମାନଙ୍କୁ ଉର୍ଦ୍ଧ୍ୱ ଦେଶରୁ ଅର୍ଥାତ୍ ପର୍ବତ ଆଡୁ ଓ ନିମ୍ନ ଦେଶରୁ ମଧ୍ୟ ଆକ୍ରମଣ କରିଥିଲେ । ଯେତେବେଳେ ଭୟରେ ତୁମମାନଙ୍କ ଚକ୍ଷୁ ବିସ୍ତାରିତ ହୋଇଯାଇଥିଲା ଏବଂ ହୃଦୟ ପ୍ରକମ୍ପିତ ହୋଇ କଣ୍ଠ ପର୍ଯ୍ୟନ୍ତ ଆସି ଯାଇଥିଲା । ତୁମମାନେ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ବିଭିନ୍ନ ପ୍ରକାରର ସନ୍ଦେହର ବଶବର୍ତ୍ତୀ ହୋଇଥିଲ ।

ସେତେବେଳେ ବିଶ୍ୱାସକାରୀମାନଙ୍କୁ ଦୃଢ ପରୀକ୍ଷାର ସମ୍ମୁଖୀନ କରାଯାଇଥିଲା ଏବଂ ସେମାନଙ୍କୁ ଭୀଷଣ ଭାବରେ ଦୋହୋଲାଇ ଦେଇଥିଲା ।

ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ କପଟ-ବିଶ୍ୱାସୀମାନେ ଓ ଯେଉଁମାନେ ହୃଦୟ ବ୍ୟାଧିଗ୍ରସ୍ତ ହୋଇଥିଲା ସେମାନେ କହିଥିଲେ ଅଲ୍ଲାଃ ଓ ତାହାଙ୍କର ରସୁଲ ଆମମାନଙ୍କ ସହିତ କେବଳ ଏକ ମିଥ୍ୟା ଅଙ୍ଗୀକାର କରିଥିଲେ ।

ଯେତେବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଏହା ମଧ୍ୟ କହିଥିଲେ ଯେ, ହେ ମଦିନାବାସୀମାନେ ! ☆[୨] ବର୍ତ୍ତମାନ ତୁମମାନଙ୍କର ଉଦ୍ଧାର ପାଇଁ ସକାଶେ କୌଣସି ପଥ ନାହିଁ । ତେଣୁ ତୁମେ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କର; ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ନବୀଙ୍କ ଠାରୁ ଅନୁମତି ଭିକ୍ଷା କରି କହିଥିଲେ। ଆମମାନଙ୍କ ଗୃହ ଶତ୍ରୁମାନଙ୍କ ଘେର ମଧ୍ୟରେ ଅଛି ଅଥଚ ସେଗୁଡ଼ିକ ଶତ୍ରୁମାନଙ୍କ ଘେର ମଧ୍ୟରେ ନଥିଲା । ସେମାନେ କେବଳ ପଳାୟନ କରିବାକୁ ଇଚ୍ଛା କରୁଥିଲେ (☆[୨] ହିଜରତ୍ ପୂର୍ବରୁ ମଦିନାର ନାମ ୟସ୍‌ରବ୍ ଥିଲା) ।

ଯଦି ମଦିନାର ବିଭିନ୍ନ ଦିଗରୁ ସେମାନଙ୍କୁ ସୈନ୍ୟବାହିନୀ ଦ୍ୱାରା ଆକ୍ରମଣ କରାଯାଆନ୍ତା ଏବଂ ସେମାନଙ୍କୁ ଧର୍ମ ତ୍ୟାଗ କରିବା ପାଇଁ ଅବିଶ୍ୱାସକାରୀମାନଙ୍କ ତରଫରୁ କୁହାଯାଆନ୍ତା ତାହାହେଲେ ସେମାନେ ନିଶ୍ଚୟ ଏହା ସ୍ୱୀକାର କରିନେଇ ଥାଆନ୍ତେ । କିନ୍ତୁ ଏହାପରେ ସେ କପଟବିଶ୍ୱାସୀମାନେ ସେଠାରେ ଖୁବ୍ ଅଳ୍ପ ସମୟରେ ରହିବାର ସୁଯୋଗ ପାଇବେ ।[୩] (☆[୩] ଅର୍ଥାତ୍ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରିବା ସତ୍ତ୍ୱେ ଅବିଶ୍ୱାସକାରୀମାନେ ସେମାନଙ୍କୁ ନିର୍ବିଘ୍ନରେ ଛାଡ଼ି ଦେବେ ନାହିଁ। କାରଣ ପ୍ରତ୍ୟେକ ମୁସଲମାନ ଏପରିକି ନାମମାତ୍ର ମୁସଲମାନଙ୍କ ବିରୁଦ୍ଧରେ ସେମାନଙ୍କ ମନରେ ବିଦ୍ୱେଷ ପୂରି ରହିଛି)

ଏବଂ ବାସ୍ତବରେ ସେ କପଟବିଶ୍ୱାସୀମାନେ ଏଥିପୂର୍ବରୁ ଅଲ୍ଲାଃତାଲାଙ୍କ ସହିତ ଅଙ୍ଗୀକାରବଦ୍ଧ ହୋଇଥିଲେ ଯେ, ସେମାନେ କଦାପି ପୃଷ୍ଠଭଙ୍ଗ ଦେବେ ନାହିଁ (ଏବଂ ଦୃଢ ରହିବେ) । ଅଲ୍ଲାଃଙ୍କ ସହିତ କରାଯାଇଥିବା ଅଙ୍ଗୀକାର ସଂକ୍ରାନ୍ତରେ ନିଶ୍ଚୟ ପ୍ରଶ୍ନ କରାଯିବ । ତୁମ୍ଭେ ସେମାନଙ୍କୁ କୁହ, ଯଦି ତୁମେମାନେ ମୃତ୍ୟୁ ବା ହତ୍ୟାଠାରୁ ପଳାୟନ କରିବ ତେବେ ତୁେମମାନଙ୍କର ପଳାୟନ ତୁମମାନଙ୍କୁ ପାଇଁ କଦାପି ଲାଭପ୍ରଦ ହେବ ନାହିଁ ;[୪] ଏବଂ ଏପରି ପରିସ୍ଥିତିରେ ତୁମେମାନେ କୌଣସି ଲାଭ ପାଇବ ନାହିଁ । (☆[୪] ଅର୍ଥାତ୍ ଯଦି ତୁମେମାନେ ପଳାୟନ କରିବ ତେବେ ଏକେତ ଅବିଶ୍ୱାସକାରୀମାନେ ତୁମମାନଙ୍କୁ ହତ୍ୟା କରିବେ ଅଥବା ଅଲ୍ଲାଃତାଲା ଇସ୍‌ଲାମ୍

ଧର୍ମ ପକ୍ଷରେ ଶୀଘ୍ର ପ୍ରଦାନ କରିବେ ଏବଂ ମୁସଲମାନମାନେ ତୁମମାନଙ୍କୁ ଦଣ୍ଡ ଦେବେ । ଏ ବିଷୟ ପରବର୍ତ୍ତୀ ଆୟତରୁ ମଧ ସ୍ପଷ୍ଟ ହୋଇଯାଉଛି ।)

ତୁମ୍ଭେ ସେମାନଙ୍କୁ କୁହ, ଯଦି ଅଲ୍ଲାଃ ତୁମମାନଙ୍କୁ ଶାସ୍ତି ଦେବାକୁ ଇଚ୍ଛା କରନ୍ତି ତେବେ କିଏ ତୁମମାନଙ୍କୁ ଅଲ୍ଲାଃଙ୍କ କବଳରୁ ରକ୍ଷା କରିବ ? ଅଥଚ ଯଦି ସେ ତୁମମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାକୁ ଇଚ୍ଛା କରନ୍ତି ତେବେ କିଏ ତୁମମାନଙ୍କୁ ତହିଁରୁ ବଞ୍ଚିତ କରିପାରିବ ? ଏବଂ ସେମାନେ ଅଲ୍ଲାଃଙ୍କ ପରିବର୍ତ୍ତେ ନିଜ ପାଇଁ କାହାରିକୁ ପ୍ରକୃତ ବନ୍ଧୁ ବା ସାହାଯ୍ୟକାରୀ ରୂପେ ପାଇବେ ନାହିଁ । ଅର୍ଥାତ୍ ଯଦି କୌଣସି ସାହାଯ୍ୟ ମିଳିବ ତେବେ ଅଲ୍ଲାଃତାଲାଙ୍କ ଠାରୁ ହିଁ ମିଳିବ ।

ଅଲ୍ଲାଃତାଲା ସେମାନଙ୍କୁ ଭଲ ଭାବରେ ଜାଣନ୍ତି ଯେଉଁମାନେ ତୁମମାନଙ୍କ ମଧ୍ୟରୁ ଅନ୍ୟମାନଙ୍କୁ ଜିହାଦ୍ କାର୍ଯ୍ୟରେ ଅବରୋଧ କରୁଥିଲେ ଏବଂ ଯେଉଁମାନେ ନିଜ ଭାଇମାନଙ୍କୁ କହୁଥିଲେ ଯେ, ଆମମାନଙ୍କ ନିକଟକୁ ଆସ ଏବଂ ଜିହାଦ୍‌ରେ ଯୋଗ ଦିଅ ନାହିଁ ଏବଂ ସେମାନେ ନିଜେ ମଧ ଶତ୍ରୁ ବିରୁଦ୍ଧରେ ଆଦୌ ଯୁଦ୍ଧ କରୁ ନଥିଲେ ।

ସେମାନେ ତୁମମାନଙ୍କ ସଂକ୍ରାନ୍ତରେ ଅତ୍ୟନ୍ତ କୃପଣ ଅଟନ୍ତି । ଅର୍ଥାତ୍ ସେମାନେ ତୁମମାନଙ୍କର ଆଦୌ ହିତକାଂକ୍ଷୀ ନୁହନ୍ତି ଏବଂ ଯେତେବେଳେ ସେମାନଙ୍କ ଉପରେ କୌଣସି ଭୟ ସମୟ ଉପସ୍ଥିତ ହୁଏ ସେତେବେଳେ ତୁମ୍ଭେ ସେମାନଙ୍କୁ ଦେଖିବ ଯେ, ସେମାନେ ତୁମ୍ଭ ଆଡ଼କୁ ଏପରି ଭାବରେ ଦେଖୁଛନ୍ତି ଯେ, ସେମାନଙ୍କ ଆଖି ଡୋଳା ସେହି ବ୍ୟକ୍ତି ସଦୃଶ ଘୂରୁଅଛି ଯେକି ମୃତ୍ୟୁକାଳୀନ ମୂର୍ଚ୍ଛାର କବଳିତ ହୋଇଥାଏ । କିନ୍ତୁ ଯେତେବେଳେ ଭୟ ସମୟ ଅପସାରିତ ହୋଇଯାଏ ସେତେବେଳେ ସେମାନେ ତୁମ୍ଭ ପ୍ରତି ତରବାରି ସଦୃଶ କଟୁ ମନ୍ତବ୍ୟ କରନ୍ତି ସେମାନେ ପ୍ରତ୍ୟେକ ପ୍ରକାରର ଉପକାର ସଂକ୍ରାନ୍ତରେ କୃପଣ ଓ ଇଚ୍ଛା କରନ୍ତି ଯେ, ତାହା ତୁମ୍ଭଙ୍କୁ ପ୍ରାପ୍ତ ନହେଉ। ଏମାନେ ବାସ୍ତବରେ ବିଶ୍ୱାସ କରି ନଥିଲେ । ସୁତରାଂ ଅଲ୍ଲାଃତାଲା ସେମାନଙ୍କ ଇସ୍‌ଲାମ୍ ବିରୁଦ୍ଧ ସମସ୍ତ ପ୍ରଚେଷ୍ଟାକୁ ବ୍ୟର୍ଥ କରିଦେଲେ ଏବଂ ଅଲ୍ଲାଃଙ୍କ ପକ୍ଷରେ ଏହା ଅତି ସହଜସାଧ ।

ଏବଂ ସେମାନେ ଆଶା ପୋଷଣ କରନ୍ତି ଯେ, ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଏବେ ମଧ ଫେରିଯାଇ ନଥିବ କି ! ଅଥଚ ଯଦି ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ପୁନର୍ବାର ଆସିଯାଏ ତେବେ ସେମାନେ ଇଚ୍ଛା କରିବେ କି ସେମାନେ ବେଦୁଇନ୍‌ମାନଙ୍କ ସହିତ ଯାଯାବର ଜୀବନ ଯାପନ କରି ରହିଥାଆନ୍ତେ ଯେ, ତୁମେମାନେ ଜୀବିତ ଅଛ ନା ଧ୍ୱଂସ ପାଇଛ ଏବଂ ଯଦି ସେମାନେ ତୁମମାନଙ୍କ ସହିତ ଥାଆନ୍ତେ ତେବେ ମଧ ତୁମମାନଙ୍କ ତରଫରୁ ଆଦୌ ଯୁଦ୍ଧ କରି ନଥାଆନ୍ତେ । ତୁମମାନଙ୍କ ସକାଶେ ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ ଯେଉଁମାନେ ଅଲ୍ଲାଃତାଲା ଓ ଅନ୍ତିମ ଦିବସର ସାକ୍ଷାତ୍ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃତାଲାଙ୍କୁ ବହୁତ ସ୍ମରଣ କରନ୍ତି। ଅଲ୍ଲାଃଙ୍କ ରସୁଲଙ୍କ ଠାରେ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷେ ଉଚିତ୍ । ଅତଏବ୍ ଦେଖ ! ଯେତେବେଳେ ପ୍ରକୃତ ଅବିଶ୍ୱାସକାରୀମାନେ ଆକ୍ରମଣକାରୀ ସୈନ୍ୟବାହିନୀକୁ ଦେଖିଲେ ସେତେବେଳେ ସେମାନେ କହିଲେ, ଏମାନେ ସେହି ସୈନ୍ୟବାହିନୀ ୧ ଯାହାଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ଓ ତାହାଙ୍କର ରସୁଲ୍ ଆମମାନଙ୍କ ସହିତ ଅଙ୍ଗୀକାର କରିଥିଲେ ଏବଂ ଏହା ଅର୍ଥାତ୍ ଉକ୍ତ ଘଟଣା ସେମାନଙ୍କର ବିଶ୍ୱାସ ଆନୁଗତ୍ୟକୁ ବର୍ଦ୍ଧିତ କରିଥିଲା । (☆୧ ପବିତ୍ର କୁରଆନ୍‌ରେ ଅହଜାବ୍ ଯୁଦ୍ଧ ବିଷୟ ପ୍ରଥମରୁ ସୂଚାଇ ଦିଆଯାଇଥିଲା। ଏଠାରେ ସେହି ଆକ୍ରମଣ ପ୍ରତି ସଙ୍କେତ ଦିଆଯାଇଛି ।)

ଏହି ବିଶ୍ୱାସକାରୀଙ୍କ ମଧ୍ୟରେ କେତେକ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ କରିଥିବା ଅଙ୍ଗୀକାରକୁ ସତ୍ୟ ସାବ୍ୟସ୍ତ କରି ଦେଖାଇ ଥିଲେ। ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ସେମାନଙ୍କ ପ୍ରତିଜ୍ଞାକୁ ପାଳନ କରିଥିଲେ । ଅର୍ଥାତ୍ ଯୁଦ୍ଧ କରି ନିହତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଏପରି ଅଛନ୍ତି ଯେଉଁମାନେ ଏବେ ବି ଅପେକ୍ଷା କରୁଛନ୍ତି । ସେମାନେ ନିଜ ସଂକଳ୍ପରେ କୌଣସି ଦୁର୍ବଳତା ପ୍ରକାଶ କରି ନଥିଲେ ।

ପରିଣାମ ସ୍ୱରୂପ ଅଲ୍ଲାଃତାଲା ଏପରି ସତ୍ୟବାଦୀମାନଙ୍କୁ ସେମାନଙ୍କ ସତ୍ୟବାଦିତାର ପୁରସ୍କାର ପ୍ରଦାନ କରିବେ ଏବଂ ଯଦି ଇଚ୍ଛା କରିବେ ତେବେ କପଟ ବିଶ୍ୱାସୀମାନଙ୍କୁ ଶାସ୍ତି ପ୍ରଦାନ କରିବେ ବା ସେମାନଙ୍କ ପ୍ରତି କରୁଣା ପ୍ରଦର୍ଶନ କରିବେ । ବାସ୍ତବିକ ଅଲ୍ଲାଃ କ୍ଷମାଶୀଳ ଓ ସଦାୟ କରୁଣାମୟ ।

ଏବଂ ବାସ୍ତବରେ ଅଲ୍ଲାଃତାଲା ଅବିଶ୍ୱାସକାରୀମାନଙ୍କୁ ସେମାନଙ୍କ କ୍ରୋଧ ସମେତ ମଦିନାରୁ ଫେରାଇ ଦେଇଥିଲେ ଏବଂ ସେମାନଙ୍କୁ କୌଣସି ପ୍ରକାର ଲାଭ ମିଳି ନଥିଲା ଏବଂ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ପକ୍ଷରୁ ନିଜେ ଯୁଦ୍ଧ କରିଥିଲେ ଏବଂ ଅଲ୍ଲାଃତାଲା ହିଁ ଶକ୍ତିଶାଳୀ ଓ ପରାକ୍ରମୀ ।

ଉପରୋକ୍ତ ଅନୁବାଦ ହେଉଛି ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ । ଉକ୍ତ ଯୁଦ୍ଧର ନାମକରଣ କିପରି ହେଲା ? ଉକ୍ତ ଯୁଦ୍ଧକୁ ଖନ୍ଦକ୍ ଯୁଦ୍ଧ ମଧ କୁହାଯାଇଥାଏ। କାରଣ ଆରବର ପ୍ରଥା ବିପରୀତ ପ୍ରଥମ ଥର କରି ମୁସଲମାନମାନେ ଖନ୍ଦକ୍ (ଗର୍ତ୍ତ ବା ଖାଲ) ମଧ ଖୋଳି ଆତ୍ମରକ୍ଷା ନିମନ୍ତେ ଯୁଦ୍ଧ ଲଢିଥିଲେ । ସେହିପରି ଉକ୍ତ ଯୁଦ୍ଧକୁ ଅହ୍‌ଜାବ ଯୁଦ୍ଧ କୁହାଯାଇଥାଏ । ପବିତ୍ର କୁରଆନ୍ କରୀମ୍ ଉକ୍ତ ଯୁଦ୍ଧର ଏହି ନାମକରଣ କରିଛି । ସେହିପରି ଅହ୍‌ଜାବ୍ ହେଉଛି ହିଜବ୍ ଅର୍ଥାତ୍ ଜମାଅତ୍ ବା ଗୋଷ୍ଠୀ । କାରଣ ଉକ୍ତ ଯୁଦ୍ଧରେ ଆରବବାସୀଙ୍କ ବିଭିନ୍ନ ସଂପ୍ରଦାୟ ଏବଂ ଗୋଷ୍ଠୀ ମିଶି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଥିଲେ । ଅତଃ ଉକ୍ତ ଯୁଦ୍ଧକୁ ଅହ୍‌ଜାବ୍ ଯୁଦ୍ଧ ବୋଲି କୁହାଯାଇଛି ।

ଉକ୍ତ ଯୁଦ୍ଧର କାରଣ ଏହା ଦର୍ଶାଯାଇଛି ଯେ, ରବିଉଲ୍ ଅୱଲ୍ ମାସ 4 ହିଜ୍ରୀରେ ଇହୁଦୀମାନଙ୍କର ଏକ ସଂପ୍ରଦାୟ ଯାହାର ନାମ ବନୁ ନୁଜୈର୍ ଥିଲା ସେ ନିଜର ପ୍ରତିଶ୍ରୁତି ଭଙ୍ଗ, ବିଦ୍ରୋହ ଓ ନବୀ କରୀମ୍ ସ.ଅଙ୍କୁ ହତ୍ୟା କରିବା ଭଳି ଷଡ଼ଯନ୍ତ୍ର ଯୋଗୁଁ ସେମାନଙ୍କୁ (ବନୁ ନୁଜୈର୍ ସଂପ୍ରଦାୟର ଇହୁଦୀଙ୍କୁ) ମଦିନାରୁ ବିତାଡ଼ିତ ଏବଂ ନିର୍ବାସିତ କରି ଦିଆଯାଇଥିଲା । ଉକ୍ତ ଶପଥ ଭଙ୍ଗ ବିଦ୍ରୋହୀ ସଂପ୍ରଦାୟର ଶାସ୍ତି ତ' ଏହାଠୁ ବି ଅଧିକ ଦଣ୍ଡ ମିଳିଥାଆନ୍ତେ ସେହି ସଂପ୍ରଦାୟକୁ । କିନ୍ତୁ ସେମାନଙ୍କ ଅନୁରୋଧ କ୍ରମେ ଆଁହଜରତ ସ.ଅ ଦୟା ଏବଂ କ୍ଷମା ଆଚରଣ ପ୍ରଦର୍ଶନ କଲେ ଓ ସେମାନଙ୍କୁ କେବଳ ନିର୍ବାସିତ କରିଦେଲେ । ଫଳତଃ ଉକ୍ତ ସଂପ୍ରଦାୟ ନିଜର ସମସ୍ତ ଆସବବାବ ପତ୍ର ଧରି ମଦିନା ଠାରୁ କିଛି ଦୂରତାରେ ଯାଇ ବସତି ସ୍ଥାପନ କଲା । ବର୍ତ୍ତମାନ 4 ମାସ ବିତି ନଥିଲା କି କୃତଘ୍ନ, ଷଡ଼ଯନ୍ତ୍ର ସ୍ୱଭାବର ଅଧିକାରୀ ଇହୁଦୀମାନେ ଆଁହଜରତ ସ.ଅ ଏବଂ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଏଭଳି ଏକ ଭୟଙ୍କର ଯୋଜନା ପ୍ରସ୍ତୁତ କଲେ ଯେ, ସେହି ଯୋଜନା ମୁତାବକ ମୁସଲମାନମାନେ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବେ । ଯୋଜନା ଅନୁଯାୟୀ ବନି ନୁଜୈରର ଅଧିପତି ହୁଇୟଐ ବିନ୍ ଅଖତବ୍ ନିଜର ଗର୍ବ ଏବଂ ଅହଂକାର ଓ ଇସଲାମ୍ ଧର୍ମ ପ୍ରତି ଥିବା ବିଦ୍ୱେଷ ଏବଂ ଉତ୍ସାହ୍ ଯୋଗୁଁ ଇହୁଦୀମାନଙ୍କର ଅବୁ ଜହଲ୍ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ନିଜର ସାଥିମାନଙ୍କ ସହିତ ମକ୍କା ଗଲା ଏବଂ ଅବୁ ସୁଫିୟାନ ଓ ଅନ୍ୟାନ୍ୟ କୁରୈଶର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ସାକ୍ଷାତ୍ କଲେ ଏବଂ କୁରୈଶମାନଙ୍କୁ କହିଲା, ହେ କୁରୈଶ୍ ! ମୁଁ ତୁମ ସହିତ ଅ ଛି । ଆମେମାନେ ମୁହମ୍ମଦ୍ ସ.ଅ ଓ ତା'ର ସାଥିମାନଙ୍କର ନାମକୁ ନିଶ୍ଚିହ୍ନ କରିଦେବା ନିମନ୍ତେ ସଂକଳ୍ପବଦ୍ଧ ମୁଁ ତୁମ ନିକଟକୁ ଏଇଥି ପାଇଁ ଆସିଛି ଯେ, ଆମେମାନେ ସମସ୍ତେ ମିଳି ମୁହମ୍ମଦ ସ.ଅ ଓ ତା'ର ସାଥିମାନଙ୍କ ବିରୁଦ୍ଧରେ ଏକ ଚୁକ୍ତି କରିବୁ । କୁରୈଶର ଅବିଶ୍ୱାସକାରୀମାନଙ୍କୁ ଆଉ କ'ଣ ବା ଦରକାର ଥିଲା । ସେମାନେ ତ' ପୂର୍ବରୁ ହିଁ ଉକ୍ତ ରକ୍ତାକ୍ତମୟ ସଂକଳ୍ପ ନେଇଥିଲେ । ସେମାନେ ବଦର୍ ଏବଂ ୱହୋଦ୍ ଭଳି ଯୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାରିଥିଲେ । କିନ୍ତୁ ନିଜର ଆତ୍ମିକ ଆକାଂକ୍ଷାକୁ ସାକାର ଏବଂ ଚରିତାର୍ଥ କରିପାରୁ ନଥିଲେ । ବଦର୍ ଯୁଦ୍ଧର ପ୍ରତିଶୋଧ ଏବଂ ୱହୋଦ ଯୁଦ୍ଧର ଲଜ୍ଜାର ଆଘାତ ପୁନଃ ସତେଜ ହୋଇଗଲା । ଅବୁ ସୁଫିୟାନ ବନୁ ନୁଜୈର୍ ସେହି ଅଧିପତିମାନଙ୍କୁ ସୁସ୍ୱାଗତ ଜଣାଇ କହିଲା, ହେ ବନୁ ନୁଜୈର୍‌ର ଅଧିପତିଗଣ ! ତୁମେମାନେ ନିଜ ଘରକୁ ଆସିଛ ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରୁ ଆମମାନଙ୍କର ସବୁଠୁ ପ୍ରିୟ ଅଟ ଯିଏ ମୁହମ୍ମଦ ସ.ଅଙ୍କ ଶତ୍ରୁତାରେ ଆମମାନଙ୍କୁ ସାହାଯ୍ୟ କର । ଅବୁ ସୁଫିୟାନ୍ ଏବଂ ବନୁ ନୁଜୈର୍‌ର ଅଧିପତିମାନେ ପରସ୍ପର ମଧ୍ୟରେ ବାର୍ତ୍ତାଳାକ କରିବା ପରେ କୁରୈଶ୍‌ର 50 ଜଣ ଲୋକ ଏବଂ ନୁଜୈର୍ ସଂପ୍ରଦାୟର ସେହି ଇହୁଦୀମାନେ ଖାନା କାଆବାର ପରଦା ଧରି ଦୃଢ ପ୍ରତିଜ୍ଞା କଲେ ଯେ, ସେମାନେ ପରସ୍ପରକୁ ସାହାଯ୍ୟ କରିବେ ଓ ମୁହମ୍ମଦ ସ.ଅଙ୍କ ବିରୁଦ୍ଧରେ ସମସ୍ତଙ୍କର ସ୍ୱର ଏକ ହେବ । ସମସ୍ତେ ମିଶି ମୁହମ୍ମଦ ସ.ଅ ଓ ତା'ର ସାଥିମାନଙ୍କୁ ଧୂଳିସାତ୍ କରିଦେବେ । ସେ ଯାହା ହେଉ ଅବୁ ସୁଫିୟାନ୍‌ର ମଦିନା ଉପରେ ଭୟଙ୍କର ଆକ୍ରମଣ କରିବାର ଯୋଜନା ଏବଂ ତାରିଖ ସ୍ଥିର କରିବା ପରେ ବନୁ ନୁଜୈର୍ ସଂପ୍ରଦାୟର ଏକ ପ୍ରତିନିଧି ମଣ୍ଡଳ ଆରବର ଅନ୍ୟ ସଂପ୍ରଦାୟ ଅଭିମୁଖେ ଗଲା । ଆରବର ଏହି ସଂପ୍ରଦାୟମାନେ ମୁସଲମାମାନଙ୍କର ରକ୍ତ ପିପାସୁ ହୋଇ ଉଠିଥିଲେ ଏବଂ ସେମାନେ ଗୋଟେ ଅଧିକ ଆକ୍ରମଣ ମଧ କରି ସାରିଥିଲେ । ସୁତରାଂ ଅବୁ ସୁଫିୟାନ୍ ସର୍ବ ପ୍ରଥମେ ବନୁ ଗତ୍‌ଫାନ ନିକଟକୁ ଗଲା । ବନୁ ଗତ୍‌ଫାନ୍ ଆରବ ଦେଶରେ ଏକ ସାହାସୀ ଓ ବୀର ସଂପ୍ରଦାୟ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଉକ୍ତ ସଂପ୍ରଦାୟ ମୁସଲମାନମାନଙ୍କ ବିରୁଦ୍ଧରେ ବିଦ୍ୱେଷ ଓ ଈର୍ଷାରେ ସର୍ବାଗ୍ରେ ଥିଲା । ଇହୁଦୀମାନେ ଏହି ସଂପ୍ରଦାୟର

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଲୋକମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ନିମନ୍ତ୍ରଣ ଦେଲେ। ତତ୍‌ସହିତ ଖୈବର୍ ଭୂମିର ଏକ ବର୍ଷର ଖଜୁରୀ କୋଳିର ପ୍ରଲୋଭନ ଦେଲେ। ସେମାନେ ଏହା ମଧ୍ୟ କହିଲେ ଯେ, ମକ୍କାର କୁରୈଶ୍‌ମାନେ ମଧ୍ୟ ଆମ ସହିତ ଅଛନ୍ତି। ଫଳତଃ ବନୁ ଗତ୍‌ଫାନ୍ ମଧ୍ୟ ସମର୍ଥନ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଲା ଏବଂ ନିଜ ତରଫରୁ 6000 ସୈନ୍ୟ ଦେବା ନିମନ୍ତେ ପ୍ରତିଭୂତି (ଗ୍ୟାରେଣ୍ଟି) ଦେଲା। ଏତଦ୍‌ପରେ ଇହୁଦୀମାନଙ୍କର ଉକ୍ତ ପ୍ରତିନିଧି ଦଳ ବନୁ ସୁଲୈମ୍ ନକଟକୁ ଗଲା। ଉକ୍ତ ସଂପ୍ରଦାୟଟି ଦ୍ୱିତୀୟ ସଂପ୍ରଦାୟ ଥିଲା ଯାହା ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ଦୃଢ ସଂକଳ୍ପ କରିଥିଲା କିନ୍ତୁ । ଅକୃତ କାର୍ଯ୍ୟ ହୋଇଯାଇଥିଲା। ଯେତେବେଳେ ଏତେ ବିଶାଳ ଏକତ୍ରିତ ସୈନ୍ୟବାହିନୀର ଆକ୍ରମଣ ସଂପର୍କରେ ସେହି ସଂପ୍ରଦାୟକୁ ଜ୍ଞାତ ହେଲା ସେତେବେଳେ ବନୁ ସୁଲୈମ୍ ଆନନ୍ଦ ସହକାରେ ସମର୍ଥନ ଦେବା ପାଇଁ ହଁ ମାରିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଯାଦ୍, ଭାଗ-4, ପୃ-363-364, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଅହଜାବ୍ ଯୁଦ୍ଧ, ଲେଖକ ମୁହମ୍ମଦ୍ ଅହେମଦ ବାଶମିଲ୍ ସାହେବ, ପୃ-62, ପ୍ରକାଶନ ସ୍ଥାନ- ନଫିସ୍ ଏକାଡ଼େମୀ, ଉର୍ଦ୍ଦୁ ବଜାର କରାଚୀ)**

ସେହିପରି ବନୁ ଫଜାର୍ହା ସଂପ୍ରଦାୟ ନିଜର ଅଧିପତି ଉୟଐନାର ନେତୃତ୍ୱରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁ ହୋଇଗଲା ଓ ଉୟଐନା ନିଜର ମିତ୍ର ସଂପ୍ରଦାୟ ବନୁ ଅସଦ୍‌ର ଅଧିପତି ତୁଲୈହା ଅସଦି ମଧ୍ୟ ଉକ୍ତ ନିମନ୍ତ୍ରଣକୁ ସ୍ୱୀକାର କରିନେଲା ଏବଂ ବନୁ ମୁର୍‌ରାହ୍ ଏବଂ ବନୁ ଅଶ୍‌ଜାଅ ସଂପ୍ରଦାୟ ମଧ୍ୟ ଉକ୍ତ ଯୁଦ୍ଧର ସଦସ୍ୟାଗତ ସୈନ୍ୟବଳ ବିଶେଷ ରୂପେ ବୃଦ୍ଧି କଲା । ଅର୍ଥାତ୍ ସୈନ୍ୟ ସଂଖ୍ୟାକୁ ବୃଦ୍ଧି କଲା । ଏହି ସମସ୍ତ ସଂପ୍ରଦାୟମାନେ ହେଉଛନ୍ତି ସେହି ସଂପ୍ରଦାୟ ଯେଉଁମାନେ ନିଜର ସାହାସିକତାରେ ସମଗ୍ର ଆରବ ଦେଶରେ ବିଖ୍ୟାତ ଓ ବିଦିତ ଥିଲେ । **(ଜୀବନୀ ଇନ୍‌ସାଇକ୍ଲୋପିଡ଼ିଆ, ଭାଗ-7, ପୃ-270-271, ଦାରୁସ୍ ସଲାମ ରିୟାଜରୁ ଉଦ୍ଧୃତ)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରି ଉଲ୍ଲେଖ କରନ୍ତି : "ମକ୍କାର କୁରୈଶ୍, ନଜଦ୍‌ର ଗତ୍‌ଫାନ୍ ସଂପ୍ରଦାୟ ଏବଂ ସୁଲୈମ୍ ସଂପ୍ରଦାୟ ପୂର୍ବରୁ ହିଁ ମୁସଲମାନମାନଙ୍କର ରକ୍ତ ପିପାସୁ ହୋଇଥିଲେ ଏବଂ ପ୍ରତ୍ୟେକ ଦିନ ମଦିନା ବିପକ୍ଷରେ ଆକ୍ରମଣ କରିବା ନିମନ୍ତେ ଚିନ୍ତିତ ରହୁଥିଲେ । କିନ୍ତୁ ସେମାନେ ବର୍ତ୍ତମାନ ସୁଦ୍ଧା ନିଜର ସକଳ ଶକ୍ତିକୁ ଇସ୍‌ଲାମ୍ ଧର୍ମ ବିପକ୍ଷରେ ଗୋଟିଏ ଯୁଦ୍ଧ ଭୂମିରେ ଏକତ୍ରିତ କରି ନଥିଲେ । କିନ୍ତୁ ଯେତେବେଳେ ଇହୁଦୀମାନଙ୍କର ବନୁ ନୁଜୈର୍ ସଂପ୍ରଦାୟର ଲୋକମାନେ ନିଜର ବିଶ୍ୱାସଘାତକତା ଏବଂ ଉପଦ୍ରବ କଲେ ସେତେବେଳେ ଆଁହଜରତ ସ.ଅ ସେମାନଙ୍କର ଉକ୍ତ ବିଶ୍ୱାସଘାତକତା ଏବଂ ଉପଦ୍ରବ ଯୋଗୁଁ ସେହି ଇହୁଦୀ ସଂପ୍ରଦାୟକୁ ମଦିନାରୁ ନିର୍ବାସିତ କରିଦେଲେ । ଆଁହଜରତ ସେମାନଙ୍କ ଉପରେ ଦୟା ପରବଶ ହୋଇ ସେମାନଙ୍କୁ ଜୀବନ୍ତ ଛାଡ଼ିଦେଲେ । ଅତଏବ୍ ମଦିନାରୁ ନିର୍ବାସିତ ହେବାପରେ ଏହି କୃତଘ୍ନ ଜାତି ଆଁହଜରତ ସ.ଅଙ୍କ ସେହି ଶିଷ୍ଟାଚାରମୂଳକ ଉପକାର ଏବଂ ଦୟା ବ୍ୟବହାରକୁ ପାସୋରି ଦେଲା। ସେମାନେ ପରସ୍ପର ମଧ୍ୟରେ ଏହି ପରାମର୍ଶ କଲେ ଯେ, ଆରବର ସମସ୍ତ ବିକ୍ଷିପ୍ତ ଶକ୍ତିକୁ ଏକତ୍ରିତ କରି ଇସ୍‌ଲାମ୍ ଧର୍ମକୁ ସମାପ୍ତ କରିବା ନିମନ୍ତେ ଉଦ୍ୟମ କରାଯାଉ । ଇହୁଦୀ ଲୋକମାନେ ଅତ୍ୟନ୍ତ ଚତୁର ଲୋକ ଥିଲେ । ସେମାନେ ଏହି ପ୍ରକାରର କୁଯୋଜନା ଏବଂ ଷଡ଼ଯନ୍ତ୍ର ରଚିବାରେ ସିଦ୍ଧହସ୍ତ ଓ ପାରଙ୍ଗମ ଥିଲେ। ଅତଃ ସେମାନଙ୍କର ଉପଦ୍ରବମୂଳକ ଉଦ୍ୟମ ଫଳପ୍ରଦ ସାବ୍ୟସ୍ତ ହେଲା ଏବଂ ଆରବ୍ୟ ସଂପ୍ରଦାୟ ଜାଣିଶୁଣି ମୁସଲମାନମାନଙ୍କ ବିପକ୍ଷରେ ଯୁଦ୍ଧ ଭୂମିକୁ ବାହାରି ଆସିଲା । ଆରବ୍ୟ ସଂପ୍ରଦାୟମାନେ ଗୋଟିଏ ପ୍ରାଣ ଏବଂ ଗୋଟିଏ ସ୍ୱର ହୋଇ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହେଲେ । ଇହୁଦୀମାନଙ୍କର ଅଧିପତିମାନଙ୍କ ମଧ୍ୟରୁ ସଲ୍ଲାମ୍ ବିନ୍ ଅବି ଅଲ୍ ହୁକୈକ୍, ହୁଇ ବିନ୍ ଅଖ୍‌ତବ୍ ଓ କିନାନା ବିନ୍ ଅର୍ ରବିଇ ଇତ୍ୟାଦି ପ୍ରମୁଖ ଅଧିପତିମାନେ ଉକ୍ତ ଉପଦ୍ରବରେ ବିଶେଷ ରୂପେ ଅଂଶ ଗ୍ରହଣ କରିଥିଲେ । ସୁତରାଂ ସେହି ଉପଦ୍ରବୀମାନେ ନିଜର ନୂତନ ଦେଶ ଖୈବର୍‌ରୁ ବାହାରି ହିଜାଜ୍ ଓ ନଜଦ୍ ସଂପ୍ରଦାୟର ଗସ୍ତେ କଲେ ଏବଂ ସର୍ବ ପ୍ରଥମେ ମକ୍କାରେ ପହଞ୍ଚି କୁରୈଶ୍‌ମାନଙ୍କୁ ନିଜ ସହିତ ସାମିଲ୍ କଲେ । ସେହି ନିର୍ବାସିତ ଇହୁଦୀମାନେ କୁରୈଶ୍‌ମାନଙ୍କର ଅଧିପତିମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ଏକଥା କହିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ ଯେ, ତୁମମାନଙ୍କର (ଶିର୍କ ଓ ପ୍ରତିମା ପୂଜା) ଧର୍ମ ମୁସଲମାନମାନଙ୍କର ଧର୍ମ ଅପେକ୍ଷା ଅଧିକ ଉତ୍ତମ ଅଟେ । ଉକ୍ତ କଥା ସେହି ଇହୁଦୀମାନେ କହିଲେ । ଏତଦ୍‌ପରେ ସେମାନେ ନଜଦ୍‌କୁ ଯାଇ ଗତ୍‌ଫାନ୍ ସଂପ୍ରଦାୟକୁ ନିଜ ସହିତ ସାମିଲ୍ କରିନେଲେ ବେଂ ଉକ୍ତ ସଂପ୍ରଦାୟର ଶାଖାଗୁଡ଼ିକୁ ଯଥା- ଫଜାରାହ୍, ମୁର୍‌ରହା୍ ଓ ଅଶ୍‌ଯାଅ ଆଦିଙ୍କୁ ନିଜ ସହିତ ବାହାରିବା ନିମନ୍ତେ ରାଜି କରାଇନେଲେ । ପୁନଶ୍ଚ କୁରୈଶ୍ ଏବଂ ଗତ୍‌ଫାନର ପ୍ରରୋଚନା କ୍ରମେ ବନୁ ସୁଲୈମ୍ ସଂପ୍ରଦାୟ ଏବଂ ବନୁ ଅସଦ୍ ସଂପ୍ରଦାୟ ଉକ୍ତ ଇସ୍‌ଲାମୀୟ ବିରୋଧୀ ଏକତାର (ମେଣ୍ଟ) ଶୃଙ୍ଖଳାରେ (ଚେନ୍)ରେ ସଂଶ୍ଳୀଷ୍ଟ ହୋଇଗଲେ ଏବଂ ଅନ୍ୟ ପଟରେ ଇହୁଦୀମାନେ ନିଜର ମିତ୍ର ସଂପ୍ରଦାୟ ବନୁ ଅସଦ୍‌କୁ ସନ୍ଦେଶ ପ୍ରେରଣ କରି ନିଜର ସମର୍ଥନ ନିମନ୍ତେ ଛିଡ଼ା କରିନେଲା । ଉକ୍ତ ଭବ୍ୟ ଏକତାର ବ୍ୟତୀତ କୁରୈଶ ନିଜର ଆଖପାଖ ସଂପ୍ରଦାୟ ମଧ୍ୟରୁ ବି ଅନେକ ଲୋକମାନଙ୍କୁ ଯେଉଁମାନେ ସେମାନଙ୍କର ଅନୁଗାମୀ ଥିଲେ ସେମାନଙ୍କୁ ନିଜ ସହିତ ସାମିଲ୍ କରିନେଲେ। ଏତଦ୍‌ପରେ ସେମାନେ ପୂର୍ଣ୍ଣ ପ୍ରସ୍ତୁତିର ସହିତ ଆରବ ମରୁଭୂମିର ଏକ ଦୁର୍ଦ୍ଧଶ ରକ୍ତପିପାସୁ ସଂପ୍ରଦାୟ ମୁସଲମାନମାନଙ୍କୁ ବିଧ୍ୱଂସ କରିବା ଅଭିପ୍ରାୟ ନେଇ ବୃହତ୍ ସମୁଦ୍ର ତରଙ୍ଗ ପରି ମଦିନା ଉପରେ ମାଡ଼ି ଆସିଲେ ଏବଂ ଏହି ଦୃଢ ସଂକଳ୍ପ କଲେ ଯେ, ସେମାନେ ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମକୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ଘରକୁ ଫେରିବେ ନାହିଁ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-573-574)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, ଇହୁଦୀମାନଙ୍କର ଦୁଇ ସଂପ୍ରଦାୟ......... ଯେଉଁମାନେ ଯୁଦ୍ଧ, ଉପଦ୍ରବ, ହତ୍ୟା କରିବାର ଯୋଜନା ଯୋଗୁଁ ମଦିନାରୁ ବିତାଡ଼ିତ କରିଦିଆ ଯାଇଥିଲା । ସେହି ସଂପ୍ରଦାୟ ମଧ୍ୟରୁ ବନୁ ନୁଜୈର୍ ସଂପ୍ରଦାୟର କିଛି ଅଂଶ ତ' ସିରୀୟା ଅଭିମୁଖେ ପ୍ରବାସ କରିଯାଇଥିଲା ଏବଂ ବଳକା ସଂପ୍ରଦାୟ ଉତ୍ତର ଆଡ଼କୁ ଖୈବର୍ ନାମକ ଏକ ସହର ଅଭିମୁଖେ ପ୍ରବାସ କରି ଯାଇଥିଲା । ଆରବ ଦେଶରେ ଖୈବର୍ ହେଉଛି ଇହୁଦୀମାନଙ୍କର ବୃହତ୍ କେନ୍ଦ୍ର ଏବଂ ଉକ୍ତ ସହରଟି ଦୁର୍ଗ ଦ୍ୱାରା ଘେରି ରହିଥିଲା । ସେଠାକୁ ଯାଇ ବନୁ ନୁଜୈର୍ ସଂପ୍ରଦାୟ ମୁସଲମାନମାନଙ୍କ ବିରୁଦ୍ଧରେ ଆରବ୍ୟମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବାକୁ ଆରମ୍ଭ କରିଦେଲେ । ମକ୍କାବାସୀମାନେ ତ' ପୂର୍ବରୁ ହିଁ ମୁସଲମାନମାନଙ୍କର ବିରୋଧୀ ଥିଲେ । ସେମାନେ କୌଣସି ଅତିରିକ୍ତ ପ୍ରରୋଚନା ତଥା ଉସ୍‌କାଇବାର ଅଭାବି ତଥା ଅଭିଳାଷୀ ନଥିଲେ । ସେହିପରି ନଜଦ୍‌ର ଗତଫାନ ନମାକ ସଂପ୍ରଦାୟ ଯେକି ଆରବର ସଂପ୍ରଦାୟମାନଙ୍କ ମଧ୍ୟରେ ଯଥେଷ୍ଟ ସ୍ଥିତିବାନ୍ ସଂପ୍ରଦାୟ ଥିଲା । ସେହି ସଂପ୍ରଦାୟ ମଧ୍ୟ ମକ୍କାବାସୀଙ୍କ ସହିତ ମିଶି ଇସ୍‌ଲାମ୍ ଧର୍ମ ପ୍ରତି ଶତ୍ରୁତା କରିବା ନିମନ୍ତେ ସର୍ବଦା ତତ୍ପର ରହୁଥିଲା । ବର୍ତ୍ତମାନ ଇହୁଦୀମାନେ କୁରୈଶ୍ ଏବଂ ଗତ୍‌ଫାନ ସଂପ୍ରଦାୟକୁ ଉତ୍ତେଜିତ କରିବା ବ୍ୟତୀତ ବନୁ ସୁଲୈମ୍ ଏବଂ ବନୁ ଅସଦ୍ ସଂପ୍ରଦାୟ ଓ ଅନ୍ୟ ଶକ୍ତିଶାଳୀ ସଂପ୍ରଦାୟମାନଙ୍କୁ ମଧ୍ୟ ମୁସଲମାନମାନଙ୍କ ବିରୁଦ୍ଧରେ ଇସ୍‌କାଇବାକୁ ଆରମ୍ଭ କରିଦେଲେ ଏବଂ ଏହିପରି ଭାବରେ ବନୁ ସାଆଦ୍ ନାମକ ଏକ ସଂପ୍ରଦାୟ ଯେକି ଇହୁଦୀମାନଙ୍କ ମିତ୍ର ଥିଲା ତା'କୁ ମଧ୍ୟ ମକ୍କରା ଅବିଶ୍ୱାସକାରୀଙ୍କୁ ସମର୍ଥନ ଜଣାଇବା ନିମନ୍ତେ ପ୍ରସ୍ତୁତ (ରାଜି) କରିନେଲା । ଏକ ସୁଦୀର୍ଘ ପ୍ରସ୍ତୁତି କରିବା ପରେ ଆରବର ସମସ୍ତ ଭବ୍ୟ ତଥା ଶକ୍ତିଶାଳୀ ସଂପ୍ରଦାୟରେ ଏକତା ସମୂହ (ଜାତୀୟ ସଂହତିର) ମୂଳଦୁଆ ସ୍ଥାପନ କରିଦିଆଗଲା । ଯହିଁରେ ମକ୍କାର ଲୋକମାନେ ମଧ୍ୟ ସାମିଲ୍ ଥିଲେ, ମକ୍କାର ଆଖାପାଖ ସଂପ୍ରଦାୟମାନେ ମଧ୍ୟ ନଜଦ୍ ଏବଂ ମଦିନାର ଉତ୍ତର ଦିଗର ଅଞ୍ଚଳର ସଂପ୍ରଦାୟମାନେ ମଧ୍ୟ ସାମିଲ୍ ଥିଲେ ଓ ଇହୁଦୀମାନେ ମଧ୍ୟ ସମିଲ୍ ଥିଲେ। ଏହି ସମସ୍ତ ସଂପ୍ରଦାୟମାନେ ମିଶି ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ଏକ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କଲେ ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-247-248)**

କୁରୈଶ୍ ଓ ଅନ୍ୟାନ୍ୟ ସଂପ୍ରଦାୟର ଉକ୍ତ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବା ଏବଂ ସେମାନଙ୍କର ସଂଖ୍ୟା ସଂକ୍ରାନ୍ତରେ ଅତିରିକ୍ତ ବିବରଣୀ ଏହିପରି ଯେ, ମକ୍କାର କୁରୈଶ୍‌ମାନେ 4000 ସଂଖ୍ୟକ ସୈନ୍ୟବାହିନୀ ନେଇ ବାହାରିଥିଲେ । ସେମାନଙ୍କର ନେତୃତ୍ୱ ଅବୁ ସୁଫିୟାନ୍ କରୁଥିଲା । ଅଶ୍ୱାରୋହୀମାନଙ୍କର ନେତୃତ୍ୱ ଖାଲିଦ୍ ବିନ୍ ୱଲିଦ୍ କରୁଥିଲେ । ସେ ଦାରୁନ୍ ନଦ୍‌ୱାହ୍ ଠାରେ ଧ୍ୱଜା ସ୍ଥାପନ କରିଥିଲେ । ଉକ୍ତ ସ୍ଥାନଟି କୁରୈଶ୍‌ମାନଙ୍କର ପରାମର୍ଶ ସଭା ସ୍ଥଳ ଥିଲା ଏବଂ ସେହି ଧ୍ୱଜାକୁ ଉସ୍‌ମାନ୍ ବିନ୍ ତଲ୍‌ହା ଧରିଥିଲା । ଉସମାନ ବିନ୍ ତଲ୍‌ହା ପରବର୍ତ୍ତୀ ସମୟରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲେ । ଉସ୍‌ମାନ୍ ବିନ୍ ତଲ୍‌ହା ନିଜ ସହିତ 300 ଅଶ୍ୱାରୋହୀ ନେଇଥିଲେ ଏବଂ ଖାଲିଦି ବିନ୍ ୱଲିଦ୍ ନିଜ ସହିତ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

1500 ଓଟ ନେଇଥିଲେ । ବନୁ ସୁଲୈମ୍‌ର 700 ଜଣ ଲୋକ ଆସି କୁରୈଶ୍ ସହିତ ମିଶିଥିଲେ । ଉକ୍ତ ସୈନ୍ୟବାହିନୀର ନେତୃତ୍ୱ ବର୍ତ୍ତମାନ ସୁଫିୟାନ ବିନ୍ ଅବ୍‌ଦେ ଶମ୍‌ଶ୍ କରୁଥିଲା। ବନୁ ଅସଦ୍ ତଲିହା ବିନ୍ ଖୁୱୈଲଦ୍‌ର ନେତୃତ୍ୱରେ ବାହାରିଲେ ଓ ବନୁ ଫୁଜାରାହ୍ ସଂପ୍ରଦାୟ ସହିତ 1000 ସଦସ୍ୟ ବାହାରିଲେ । ଏମାନଙ୍କ ନେତୃତ୍ୱ ଉୟୈନା ବିନ୍ ହିସନ କରୁଥିଲା । ବନୁ ଅଶ୍‌ଯାଅର 400 ଜଣ ସଦସ୍ୟ ବାହାରିଲେ ଏବଂ ସେମାନଙ୍କର ସେନପତି ମସ୍‌ଉଦ୍ ବିନ୍ ରୁଖୈଲାହ୍ ଥିଲା । ବନୁ ମୁର୍‌ରାହର 400 ଲୋକ ବାହାରିଲେ ଏବଂ ସେମାନଙ୍କର ନେତୃତ୍ୱ ହାରିସ୍ ବିନ୍ ଅଉଫ୍ ମୁର୍‌ରି କରୁଥିଲା । ବନୁ ଗତ୍‌ଫାନ୍ ସଂପ୍ରଦାୟ ପକ୍ଷରୁ 6000 ସୈନ୍ୟ ଦେବାର ପ୍ରତିଶୃତି ରହିଥିଲା ଏବଂ ଇହୁଦୀମାନଙ୍କ ପକ୍ଷରୁ 2000ରୁ ଉର୍ଦ୍ଧ୍ୱ ସୈନ୍ୟଦେବାର ପ୍ରତିଶୃତି ରହିଥିଲା । ଉକ୍ତ ସୈନ୍ୟବାହିନୀ ପଛରେ ଶେଷ ପ୍ରହାର କରିବା ନିମନ୍ତେ ପ୍ରସ୍ତୁତ ହୋଇଥିଲା । ଏହିପରି ଭବାରେ ବିଭିନ୍ନ ସଂପ୍ରଦାୟର ଲୋକମାନେ ଯେଉଁମାନେ ଉକ୍ତ ଯୁଦ୍ଧରେ ସାମିଲ୍ ହେଲେ ସେମାନଙ୍କର ସଂଖ୍ୟା ସର୍ବନିମ୍ନ ରୂପେ 10000 ଓ ଅନ୍ୟ କେତେକ ବର୍ଣ୍ଣନାଯାୟୀ 20000 ପାଖାପାଖି ଥିଲା । ସେହି ସମସ୍ତ ସୈନ୍ୟବାହିନୀର ନେତୃତ୍ୱ ଅବୁ ସୁଫିୟାନ୍ ବିନ୍ ହର୍ବ ହସ୍ତରେ ଥିଲା। ଉକ୍ତ ସୈନ୍ୟବାହିନୀ ସେତେବେଳେ ଆରବୀୟ ଇତିହାସର ସର୍ବବୃହତ ସୈନ୍ୟ ଅଭିଯାନ ଥିଲା । **(ହୟାତେ ମୁହମ୍ମଦ୍, ଲେଖକ-ମୁହମ୍ମଦ ହୁସୈନ୍, ହୈକଲ୍, ପୃ-434, ପ୍ରକାଶନ ସ୍ଥାନ-ବୁକ୍ କର୍ଣ୍ଣର ଝେଲମ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-364, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଅହ୍‌ଜାବ୍ ଯୁଦ୍ଧ, ଲେଖକ-ଅଲ୍ଲାମା ମୁହମ୍ମଦ୍ ଅହମଦ, ବାଶ୍‌ମିଲ୍, ପୃ-153, ପ୍ରକାଶନ ସ୍ଥାନ-ନଫିସ୍ ଏକାଡ଼େମୀ, ଉର୍ଦ୍ଦୁ ବଜାର, କରାଚୀ)(ଜୀବନୀ ଶବ୍ଦକୋଷ, ପୃ-299, ଜୱାର୍ ଏକାଡ଼େମୀ, କରାଚୀ)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଏଥି ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯେ, ଅବିଶ୍ୱାସକାରୀଙ୍କ ଏହି ମହାନ ସୈନ୍ୟବାହିନୀର ଆକଳନ ଦଶ ହଜାର ଲୋକଙ୍କୁ ନେଇ ନୁହଁ ବରଂ କେତେକ ବର୍ଣ୍ଣନୁଯାୟୀ 15 ହଜାରରୁ 24 ହଜାରେ ପର୍ଯ୍ୟନ୍ତ ବୋଲି ଆକଳନ କରାଯାଏ । ଯଦି 10 ହଜାର ଆକଳନକୁ ସଠିକ୍ ବୋଲି ସ୍ୱୀକାର କରି ନିଆଯାଏ ତେବେ ତଥାପି ସେହି ଯୁଗ ଅନୁଯାୟୀ ଉକ୍ତ ସଂଖ୍ୟା ଅତି ବିଶାଳ ଏବଂ ସର୍ବ ବୃହତ୍ ସୈନ୍ୟ ସଂଖ୍ୟା ଥିଲା । ସମ୍ଭବତଃ ଏହା ପୂର୍ବରୁ ଆରବୀୟମାନଙ୍କର ଯୁଦ୍ଧରେ ଏତେ ବିଶାଳ ସଂଖ୍ୟକ ସୈନ୍ୟବାହିନୀ କେବେ କୌଣସି ଯୁଦ୍ଧରେ ସାମିଲ୍ ହୋଇ ନଥିଲା.......ସମଗ୍ର ସୈନ୍ୟବାହିନୀର ସେନମୁଖ୍ୟ ଅର୍ଥାତ୍ ସେନାପତି ଅବୁ ସୁଫିୟାନ ବିନ୍ ହର୍ବ୍ ଥିଲା । ଯୁଦ୍ଧ ସରଞ୍ଜାମ ଏବଂ ଖାଦ୍ୟପେୟ ଜିନିଷ ମଧ୍ୟ ପ୍ରତ୍ୟେକ ଦୃଷ୍ଟିରୁ ପର୍ଯ୍ୟାପ୍ତ ପରିମାଣରେ ଥିଲା । ସେହିପରି ଉକ୍ତ ସୈନ୍ୟବାହିନୀ ଶୱାଲ୍ 5 ହିଜ୍ରୀ ଅନୁଯାୟୀ ଫେବୃୟାରୀ ଏବଂ ମାର୍ଚ୍ଚ ମାସ 627 ମସିହାରେ ମଦିନା ଅଭିମୁଖେ ଅଗ୍ରସର ହେବାକୁ ଲାଗିଲା ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-574)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, "ବିଭିନ୍ନ ଇତିହାସବିତ୍‌ମାନେ ଉକ୍ତ ସୈନ୍ୟବାହିନୀର ଆକଳନ 10 ହଜାରରୁ 25 ହଜାର ବୋଲି କରିଛନ୍ତି କିନ୍ତୁ ପ୍ରକାଶ୍ୟ ଯେ, ସମସ୍ତ ଆରବ୍ୟମାନଙ୍କର ଏକତାର ସଂଖ୍ୟା କେବଳ 10 ହଜାର ସିପାହୀ ହୋଇପାରି ନଥାଆନ୍ତା । ନିଃସନ୍ଦେହ ରୂପେ 24 ହଜାରର ଯେଉଁ ଆକଳନ ରହିଛି ତାହା ସଠିକ୍ ଅଟେ । ଯଦି ଏହା ନୁହେଁ ତେବେ ସୈନ୍ୟବାହିନୀର ସଂଖ୍ୟା 18 ହଜାରରୁ 20 ହଜାର ମଧ୍ୟରେ ଅବଶ୍ୟ ହୋଇଥିବ । ମଦିନା ଏକ ଛୋଟିଆ ପ୍ରାନ୍ତ ଥିଲା । ଉକ୍ତ ପ୍ରାନ୍ତ ବିରୁଦ୍ଧରେ ସମଗ୍ର ଆରବବାସୀଙ୍କ ଆକ୍ରମଣ କୌଣସି ସାଧାରଣ ଆକ୍ରମଣ ନଥିଲା । ମଦିନାର ପୁରଷମାନଙ୍କୁ ଯଦି ଏକତ୍ରିତ କରାଯାଏ ତେବେ ସେମାନଙ୍କ ମଧ୍ୟରେ ବୃଦ୍ଧ, ଯୁବକ ଏବଂ ସ୍ୱଳ୍ପ ବୟସର ପିଲାମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । କେବଳ 3 ହଜାର ଲୋକ ଅତି କଷ୍ଟରେ ବାହାରି ପାରି ଥାଆନ୍ତେ । ଏହାର ବିପରୀତ ଶତ୍ରୁଙ୍କ ସୈନ୍ୟ ସଂଖ୍ୟା 20ରୁ 24ହଜାର ମଧ୍ୟରେ ଥିଲା ଏବଂ ସେମାନେ ସମସ୍ତେ ସୈନ୍ୟ ଥିଲେ । ସେହି ସୈନ୍ୟବାହିନୀଙ୍କ ମଧ୍ୟରେ ଯୁବକ ଏବଂ ଯୁଦ୍ଧ କରିବା ନିମନ୍ତେ ବୀର ଯୋଦ୍ଧା ଥିଲେ । କାରଣ ସହର ମଧ୍ୟରେ ରହି ଯେତବେଳେ ସୁରକ୍ଷାର ପ୍ରଶ୍ନ ସୃଷ୍ଟି ହୋଇଥାଏ ସେତେବେଳେ ତହିଁରେ ପିଲା ବୁଢା ମଧ୍ୟ ସାମିଲ୍ ହୋଇଯାଆନ୍ତି । କିନ୍ତୁ ଯେତେବେଳେ ଦୂରବର୍ତ୍ତୀ ଅଞ୍ଚଳକୁ ସୈନ୍ୟବାହିନୀ ଆକ୍ରମଣ ନିମନ୍ତେ ଯାଇଥାଏ ସେତେବେଳେ ସେହି ସୈନ୍ୟବାହିନୀରେ କେବଳ ଯୁବକ ଏବଂ ଶକ୍ତିଶାଳୀ ବ୍ୟକ୍ତିମାନେ ହିଁ ଥାଆନ୍ତି। ସୁତରାଂ ଉକ୍ତ କଥାଟି ନିଃସନ୍ଦେହାତ୍ମକ ଯେ, ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ମଧ୍ୟରେ 20 ହଜାର କିମ୍ବା 25 ହଜାର ଯେତିକି ସଂଖ୍ୟ ବ୍ୟକ୍ତିମାନେ ରହିଥିଲେ ସେମାନେ ସମସ୍ତେ ବଳବାନ, ଯୁବକ ଏବଂ ଅଭିଜ୍ଞ ସିପାହୀ ଥିଲେ । କିନ୍ତୁ ମଦିନାର ମୋଟ୍ ପୁରୁଷମାନଙ୍କର ସଂଖ୍ୟା ପିଲା ଏବଂ ବିକଳାଙ୍ଗମାନଙ୍କୁ ମିଶାଇ ଅତି କଷ୍ଟରେ 3 ହଜାର ହେଉଥିଲା । ଏହା ପ୍ରକାଶ୍ୟ ଯେ, ସେହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଯଦି ମଦିନାର ସୈନ୍ୟ ସଂଖ୍ୟା 3 ହଜାର ବୋଲି ଧରାଯାଏ ତେବେ ଶତ୍ରୁ ସଂଖ୍ୟା 40 ହଜାର ବୋଲି ମନେକରିବା ଉଚିତ୍ । କାରଣ ଏତେ ବିଶାଳ ସଂଖ୍ୟକ ସୈନ୍ୟ ବୈହିନୀ ସହିତ ସ୍ୱଳ୍ପ ସଂଖ୍ୟକ ସୈନ୍ୟ ବାହିନୀର କୌଣସି ମୁକାବିଲା ନଥିଲା। ଅର୍ଥାତ୍ ମୁସଲମାନମାନଙ୍କର ସୈନ୍ୟବାହିନୀ ସେହି ବିଶାଳ ସୈନ୍ୟବାହିନୀ ସମ୍ମୁଖରେ କିଛି ନଥିଲା । ସୁତରାଂ ଶତ୍ରୁ ପକ୍ଷର ସୈନ୍ୟ ସଂଖ୍ୟା ଯଦି 20 ହଜାର ବୋଲି ମନେକରାଯାଏ ତେବେ ମଦିନାର ସିପାହୀମାନଙ୍କର ସଂଖ୍ୟା 1500 ବୋଲି ମନେକରାଯିବ ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ20-, ପୃ-267-268)**

ସେ ଯାହା ହେଉ ଅବିଶ୍ୱାସକାରୀମାନେ ନିଜର ଯୁଦ୍ଧ ମନୋବୃତ୍ତିକୁ ଆୟୁଦ୍ଧ କରି ଆଗକୁ ଅଗ୍ରସର ହେଲେ । ଏହାର ସୂଚନା ଆଁହଜରତ ସ.ଅଙ୍କୁ ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ଏହି ନିଷ୍ପତ୍ତି ନେଲେ ଯେ, ଖନ୍ଦକ୍ (ଗର୍ତ୍ତ) ଖୋଳାଯାଉ । ଉକ୍ତ ଘଟଣା ସଂପର୍କରେ ବିସ୍ତୃତ ବିବରଣୀରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅଙ୍କ ଗୁଇନ୍ଦା ବିଭାଗ ଅର୍ଥାତ୍ ଇଣ୍ଟେଲିଜେନସ୍ ବିଭାଗ ମଧ୍ୟ ଏହି ସମସ୍ତ ପରିସ୍ଥିତି ଓ ଅବସ୍ଥା ସହିତ ଅବଗତ ନଥିଲା । ଚତୁର୍ପାର୍ଶ୍ୱରୁ ଖବର ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚୁଥିଲା । କୁରୈଶ୍ ଏବଂ ଇହୁଦୀମାନଙ୍କର ଏହି ଭୟଙ୍କର ଯୋଜନା ସଂପର୍କରେ ମଦିନାରେ ପହଞ୍ଚି ଯାଉଥିଲା । ତେବେ ଆପଣ ସ.ଅ ସହାବାମାନଙ୍କୁ ଏକତ୍ରିତ କଲେ ଏବଂ ସେମାନଙ୍କୁ ଶତ୍ରୁମାନଙ୍କର ମନ୍ଦ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଲେ । ଆପଣ ସ.ଅ ସାହାବାମାନଙ୍କୁ ପରାମର୍ଶ ଦେଲେ ଯେ, ମଦିନାରୁ ବାହାରି ଯୁଦ୍ଧ କରିବା ନା ମଦିନାରେ ରହି ଅବିଶ୍ୱାସକାରୀଙ୍କ ସହିତ ମୁକାବିଲା କରିବା । ଏତେ ବିଶାଳ ସଂଖ୍ୟକ ସୈନ୍ୟ ବାହିନୀ ବିପକ୍ଷରେ ଯୁଦ୍ଧ କରିବାକୁ ଦୃଷ୍ଟିରେ ରଖି ଏହି ମତାମତ ସାମ୍ନାକୁ ଆସିଲା ଯେ, ଯଦି ମଦିନା ଭିତରେ ରହି ନିଜର ଆତ୍ମରକ୍ଷା କରାଯାଏ ତେବେ ଅଧିକ ଭଲ ହେବ । ବର୍ଣ୍ଣନାନୁଯାୟୀ ହ. ସଲ୍‌ମାନ୍ ର.ଅଙ୍କ ପରାମର୍ଶର ଚର୍ଚ୍ଚା ମିଳେ ଯେ, ସେ ଖନ୍ଦକ୍‌ର (ଗର୍ତ୍ତ ଖୋଳିବା ପାଇଁ) ପରାମର୍ଶ ଦେଇଥିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ ପାରସ୍ୟ ଭୂମିରେ ଯେତେବେଳେ ଅଶ୍ୱମାନଙ୍କର ଗୋଷ୍ଠୀକୁ ଦେଖି ଭୟଭୀତ ହେଉ ସେତେବେଳେ ଆମେମାନେ ସେହି ଅଶ୍ୱରୋହୀଙ୍କ  ସମ୍ମୁଖରେ ଗର୍ତ୍ତ ଖୋଳି ଦେଇଥାଉ । ଅର୍ଥାତ୍ ଅଶ୍ୱାରୋହୀ ସୈନ୍ୟବାହିନୀ ଯେତେବେଳେ ଆସୁଥିଲେ ସେତେବେଳେ ଗର୍ତ୍ତ ଖୋଳି ଦେଉଥିଲେ । ଫଳତଃ ଶତ୍ରୁପକ୍ଷ ଉକ୍ତ ଗର୍ତ୍ତକୁ ଅତିକ୍ରମ କରିବାକୁ ସକ୍ଷମ ହୋଇପାରୁ ନଥିଲା । ସୁତରାଂ ଉକ୍ତ ମତାମତ ସମସ୍ତ ମୁସଲମାନମାନଙ୍କୁ ଭଲ ଲାଗିଲା ଏବଂ ଆଁହଜରତ ସ.ଅ ମଦିନା ଭିତରେ ରହି ଆତ୍ମରକ୍ଷା କରିବା ନିମନ୍ତେ ନିଷ୍ପତ୍ତି ନେଲେ ଓ ଖନ୍ଦକ୍ ଅର୍ଥାତ୍ ଗର୍ତ୍ତ ଖୋଳିବା ନିମନ୍ତେ ଆଦେଶ ଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ଜୀବନୀ ପୁସ୍ତକରୁ ଏହା ଜ୍ଞାତ ହୁଏ ଯେ, ଖନ୍ଦକ୍ ଖୋଳିବାର ନିଷ୍ପତ୍ତି କେବଳ ହ. ସଲ୍‌ମାନ ଫାର୍ସି ର.ଅଙ୍କ ପରାମର୍ଶ ଯୋଗୁଁ ହୋଇ ନଥିଲା ବରଂ ଅଲ୍ଲାଃତାଲା ଐଶୀବାଣୀ କରି ନବୀ କରୀମ୍ ସ.ଅଙ୍କୁ ଉକ୍ତ ପନ୍ଥା ସଂପର୍କରେ କହିଥିଲେ । କାରଣ ଉକ୍ତ ପନ୍ଥାଟି ଆରବବାସୀଙ୍କ ନିମନ୍ତେ ସଂପୂର୍ଣ୍ଣ ରୂପେ ନୂଆ ଥିଲା । ଆତ୍ମରକ୍ଷା କରିବା ନିମନ୍ତେ ଯେଉଁ ଗର୍ତ୍ତ ଖୋଳା ହେଉଥିଲା ତହିଁରୁ ସାହାବାମାନେ ସଂପୂର୍ଣ୍ଣ ରୂପେ ଅଜ୍ଞ ତଥା ଅପରିଚିତ ଥିଲେ । ଅତଏବ୍ ଉଲ୍ଲେଖ ରହିଛି ଯେ, ଅବୁ ସୁଫିୟାନ୍ ଯେତେବେଳେ ଶକ୍ତିର ନିଶାରେ ଆସକ୍ତ ହୋଇ ଏକ ବିଶାଳ ବୀର ଯୋଦ୍ଧାମାନଙ୍କର ସୈନ୍ୟବାହିନୀଙ୍କୁ ନେଇ ମଦିନା ଅଭିମୁଖେ ଆକ୍ରମଣ କଲା । ଅବୁ ସୁଫିୟାନ୍‌କୁ ଯେତେବେଳେ ମଦିନାବାସୀଙ୍କ ପକ୍ଷରୁ କେଉଁଠି ବି କିଛି ବାଧା ଦୃଶ୍ୟମାନ ହେଲା ନାହିଁ ଓ ଇସ୍‌ଲାମୀୟ ସୈନ୍ୟବାହିନୀ ଦୃଶ୍ୟମାନ ହେଲା ସେତେବେଳେ ତା' ମନରେ ଏହି ଗର୍ବଭାବ ଜାତ ହେଲା ଯେ, ମୋର ବିଶାଳ ସୈନ୍ୟବାହିନୀ ରହିଛି । ଆଜି ମଦିନାବାସୀଙ୍କୁ ଆମର ଏହି ବିଶାଳ ସୈନ୍ୟବାହିନୀ ହସ୍ତରୁ କେହି ବି ରକ୍ଷା କରି ପାରିବ ନାହିଁ । ଅବୁ ସୁଫିୟାନ୍ କହିଲା ବର୍ତ୍ତମାନ ମୁଁ ମଦିନାକୁ ଧ୍ୱଂସ କରିକି ହିଁ ଫେରିବି । ଯେତେବେଳେ ମଦିନାର ମାର୍ଗରେ କେଉଁଠି କିଛି ବାଧା ବିଘ୍ନ ଦୃଶ୍ୟମାନ ହେଉ ନଥିଲା ସେତେବେଳେ ଗର୍ବ ଓ ଅହଂକାରରେ ସେ ଆହୁରି ବଢିଗଲା । କିନ୍ତୁ ଯେତେବେଳେ ନିଜର ଅଶ୍ୱକୁ ଧାବିତ (ଦଉଡ଼ାଇ) ଠିକ୍ ମଦିନା ପାଖରେ ପହଞ୍ଚିଲା ସେତେବେଳେ ହଠାତ୍ ନିଜ ସମ୍ମୁଖରେ ପାଞ୍ଚ କି.ମି ଲମ୍ବ ଓ 8,9 ଫୁଟ୍ ଗଭୀର ପ୍ରଶସ୍ତ ଗର୍ତ୍ତକୁ ଦେଖି ତା'ର ଚେତା ହଜିଗଲା । ଉକ୍ତ ଗର୍ତ୍ତଟି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଏତେ ଗଭୀର ଓ ଚଉଡ଼ା ଥିଲା ଯେ, ଅଶ୍ୱମାନଙ୍କ ପକ୍ଷେ ମଧ୍ୟ ଏହାକୁ ଅତିକ୍ରମ କରିବା ସମ୍ଭବପର ନଥିଲା । ତେଣୁ ଯେତେବେଳେ ଏହି ଲୋକମାନେ ଉକ୍ତ ଗର୍ତ୍ତକୁ ଅତିକ୍ରମ କରିପାରିଲେ ନାହିଁ ସେତେବେଳେ ନିଜର କ୍ରୋଧ ଏବଂ ଅସହାୟତା, ଗର୍ବ, ଅହଂକାରର ସମ୍ମିଶ୍ରିତ ଭାବାବେଗ ବ୍ୟକ୍ତି କରି ଅବୁ ସୁଫିୟାନ ସେହି ସ୍ଥାନରୁ ଏକ ପତ୍ର ନବୀ କରୀମ୍ ସ.ଅଙ୍କୁ ଲେଖିଲା । ଅବୁ ସୁଫିୟାନ୍ ଉକ୍ତ ପତ୍ରରେ ଏହା ଉଲ୍ଲେଖ କଲା ଯେ, ଲାତ୍, ଉଜ୍ଜା, ଇସାଫ୍, ନାଏଲା ଓ ହୁବୁଲଙ୍କ ଶପଥ କରି କହୁଛି ମୁଁ ନିଜର ସୈନ୍ୟବାହିନୀଙ୍କ ସହିତ ଏଠାକୁ ଆସିଥିଲି । ତେଣୁ ଯେପର୍ଯ୍ୟନ୍ତ ତୁମମାନଙ୍କର ନାମକୁ ମୁଁ ନିଶ୍ଚିହ୍ନ କରିଦେଇ ନାହିଁ ସେପର୍ଯ୍ୟନ୍ତ ମୁଁ ଏଠାରୁ ଫେରିବ ନାହିଁ । କିନ୍ତୁ ମୁଁ ଦେଖୁଅଛି ଯେ, ତୁମେମାନେ ଆମମାନଙ୍କ ବିରୁଦ୍ଧରେ ଯୁଦ୍ଧ ନକରି ଖସିଯିବାକୁ ଚାହୁଁଛ ଏବଂ ନିଜର ଆଖ ପାଖରେ ଗର୍ତ୍ତ ଖୋଳି ପକାଇଛ । ମୋତେ ଯଦି ଜ୍ଞାତ ହୋଇଥାଆନ୍ତା ଯେ, ଉକ୍ତ ପନ୍ଥା ତୁମମାନଙ୍କୁ କିଏ କହିଛି ଓ ଆମେମାନେ ଯଦି ଏଠାରୁ ଫେରି ଚାଲିଯାଇ ଥାଆନ୍ତୁ ତେବେ ମନେରଖ! ଓହୋଦ୍ ଯୁଦ୍ଧ ଦିନର କଥା ତୁମକୁ ପୁଣିଥରେ ମନେ ପକାଇ ଦେବୁ । ବର୍ତ୍ତମାନ ଯଦି ଯୁଦ୍ଧ ହୁଏ ତେବେ ଆମେମାନେ ତୁମମାନଙ୍କର ମହିଳାମାନଙ୍କୁ ମଧ୍ୟ ଜେବହ୍ କରିଦେବୁ । ଉକ୍ତ ପତ୍ରଟି ଅବୁ ସୁଫିୟାନ୍ ଆଁହଜରତ ସ.ଅଙ୍କ ସେବାରେ ପ୍ରେରଣ କଲା ।

ଉକ୍ତ ପତ୍ରର ଉତ୍ତରରେ ନବୀ କରୀମ୍ ସ.ଅ ଅବୁ ସୁଫିୟାନକୁ ପତ୍ର ଲେଖି ଜଣାଇଲେ । ହେ ଅବୁ ସୁଫିୟାନ୍ ! ମୁଁ ଜାଣେ ଯେ, ତୁମେ ସର୍ବଦା ଅଲ୍ଲାଃତାଲାଙ୍କ ବିରୁଦ୍ଧରେ ଅହଂକାରରେ ପିଡ଼ୀତ ଅଟ ଏବଂ ତୁମେ ଯେଉଁ ମଦିନା ଉପରେ ବିଶାଳ ବୀର ଯୋଦ୍ଧା ସୈନ୍ୟବାହିନୀଙ୍କ ସହିତ ଆକ୍ରମଣ କରିବା ନିମନ୍ତେ ନିଜର ପତ୍ରରେ ଚର୍ଚ୍ଚା କରିଛ ଯେ, ତୁମେ ଆମମାନଙ୍କର ନାମକୁ ନିଶ୍ଚିହ୍ନ କରିଦେବା ନିମନ୍ତେ ଦୃଢ ପ୍ରତିଜ୍ଞା କରିଛ । ତେବେ ଏହା ଅଲ୍ଲାଃତାଲାଙ୍କ ଆଦେଶ (ଗର୍ତ୍ତ ଖୋଳିବାର ଆଦେଶ) ଅଟେ ଏବଂ ତୋର ଅପବିତ୍ର ସଂକଳ୍ପ ମଧ୍ୟରେ ପ୍ରକଟ ହୋଇଯାଇଛି । ତେଣୁ ତୁମକୁ ଏହି ସୁଯୋଗ ପ୍ରାପ୍ତ ହୋଇ ପାରିଲା ନଥିଲା । ପୁନଶ୍ଚ ଉଲ୍ଲେଖ ରହିଛି ଯେ, ସେ ଅର୍ଥାତ୍ ଅଲ୍ଲାଃତାଲା ଏପରି ନିର୍ଣ୍ଣୟ କରିଦେବେ ଯେ, ତୁମେମାନେ ଲାତ୍, ଉଜ୍ଜାର ନାମ ଏକ୍‌ଦମ୍ ଭୁଲିଯିବ । ଆଉ ହେ ଅବୁ ସୁଫିୟାନ୍ ତୁମେ ମୋତେ ଖନ୍ଦକ୍ (ଗର୍ତ୍ତ) ଖୋଳିବା ପ୍ରସଙ୍ଗରେ ମୋତେ ପଚାରିଛ ଯେ, ଏହି ଗର୍ତ୍ତ ଖୋଳିବା ସଂକ୍ରାନ୍ତରେ ମୋତେ କିଏ କହିଲା ? ତେବେ ତୁ ଜାଣି ନେ ଯେ, ଏହି ପନ୍ଥା ମୋତେ ଅଲ୍ଲାଃତାଲା କହିଛନ୍ତି ଏବଂ ସେ ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ କରି କହିଲେ, فَاِنَّ اللّٰهَ اَلْهَمَنِیْ ذَالِكَ । ଯେତେବେଳେ ତୁମ ଓ ତୁମ ସାଥିମାନଙ୍କର କ୍ରୋଧ ବୃଦ୍ଧି ପାଇଥିଲା ସେତେବେଳେ ଅଲ୍ଲାଃତାଲା ମୋତେ ଏହି ପନ୍ଥା ସଂପର୍କରେ କହିଥିଲେ । ହେ ଅବୁ ସୁଫିୟାନ୍ ଶୁଣ ! ଈଶ୍ୱର ଆମକୁ ହିଁ ଶେଷରେ ଜୟଯୁକ୍ତ କରିବେ । ହେ ବନୁ ଗାଲିବର ମୂର୍ଖ ବ୍ୟକ୍ତିମାନେ ! ମନେରଖ ଦିନ ଆସିବ ତୁମମାନଙ୍କର ଲାତ୍, ଉଜ୍ଜା, ଇସାଫ୍, ନାଏଲା ଓ ହୁବୁଲ୍ ଦେବତାଙ୍କୁ ଖଣ୍ଡ ବିଖଣ୍ଡିତ କରିଦିଆଯିବ । ସେହି ଦିନ ମୁଁ ତୁମମାନଙ୍କୁ ଏହି ସମସ୍ତ କଥା ସ୍ମରଣ କରାଇବି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-364, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍) (ଖାତମନ୍ ନବୀୟିନ୍, ଲେଖକ-ଅବୁ ଜୁହରା, ଭାଗ-2, ପୃ-942, ଅଲ୍ ମୁତମିରୁଲ୍ ଆଲମୀ) (ଅସ୍ ସହି ମିନ୍ ସିରତୁନ୍ ନବୀଉଲ୍ ଆଜମ୍ ସ.ଅ, ଭାଗ-10, ପୃ-197, ଅଲ୍ ମର୍କଜୁଲ୍ ଇସଲାମି, ଲିଲ୍ ଦିରାସାତ୍, ବୈରୁତ୍-2006 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ସ୍ପଷ୍ଟ ରୂପେ ଆଁହଜରତ ସ.ଅ ଅବୁ ସୁଫିୟାନକୁ ପତ୍ର ଲେଖିଲେ ଏବଂ କହିଲେ **ଇନ୍‌ଶାଅଲ୍ଲାଃ** ଆମେ ହିଁ ବିଜୟ ମଣ୍ଡିତ ହେବୁ । ଆଁହଜରତ ସ.ଅଙ୍କ ଉକ୍ତ ପତ୍ରରୁ ଏହା ସ୍ପଷ୍ଟ ହୁଏ ଯେ, ଯଦ୍ୟପି ହ. ସଲ୍‌ମାନ୍ ଫାର୍ସି ର.ଅ ଆଁହଜରତ ସ.ଅଙ୍କୁ ପରାମର୍ଶ ଦେଇଥିବେ । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାର ନିଷ୍ପତ୍ତି ଆପଣ ସ.ଅ ଐଶୀବାଣୀ ମାଧ୍ୟମରେ ପ୍ରାପ୍ତ କରିଥିଲେ । ଅଲ୍ଲାଃତାଲା ହିଁ ସର୍ବଜ୍ଞ ଓ ଅନ୍ତର୍ଯ୍ୟାମୀ । ସେ ଯାହା ହେଉ ହ. ସଲ୍‌ମାନ୍ ଫାର୍ସି ମଧ୍ୟ ଆଁହଜରତ ସ.ଅଙ୍କୁ ଏହି ପରାମର୍ଶ ଦେଇଥିଲେ । କିନ୍ତୁ ଅଲ୍ଲାଃତାଲା ସ୍ୱୟଂ ଆପଣ ସ.ଅଙ୍କୁ ଏଥି ସଂକ୍ରାନ୍ତରେ ଅବଗତ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ **ଇନ୍‌ଶାଲ୍ଲାଃ** ଅସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କହିଲେ, ଆପଣମାନେ ପାକିସ୍ତାନର ଅହେମଦିମାନଙ୍କୁ ନିଜ ଦୁଆରେ ବିଶେଷ ରୂପେ ମନେ ରଖନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସୁରକ୍ଷିତ ଏବଂ ନିରାପଦ ରଖନ୍ତୁ । ସେମାନଙ୍କୁ ବିରୋଧୀମାନଙ୍କର ଉପଦ୍ରବ, ଅନିଷ୍ଟତା ଠାରୁ ସୁରକ୍ଷିତ ରଖନ୍ତୁ । ଉପଦ୍ରବୀମାନଙ୍କର ହିଂସା ଓ ଉପଦ୍ରବ ସେମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତୁ । ଆପଣମାନେ ସାମୂହିକ ରୂପେ ସଂସାର କଲ୍ୟାଣ ଏବଂ ମଙ୍ଗଳ କାମନା ନିମନ୍ତେ ମଧ୍ୟ ଦୁଆ (ପ୍ରାର୍ଥନା) କରନ୍ତୁ । ଅଲ୍ଲାଃତାଲା ସଂସାରକୁ ମଧ୍ୟ ଉପଦ୍ରବ ଏବଂ ହିଂସାରୁ ସୁରକ୍ଷିତ ରଖନ୍ତୁ । ଆମିନ୍ । **(ଅଲ୍ ଫଜଲ୍ ଇଣ୍ଟରନେସ୍‌ନାଲ୍, ଅକ୍ଟୋବରର୍ ମାସ 27 ତାରିଖ, 2024 ମସିହା, ପୃ-2-5)** ☆--☆--☆

## ପୃ-2ରେ ବର୍ଣ୍ଣିତ ତଫ୍‌ସିରର ଅବଶିଷ୍ଟାଂଶ.....

ଆଦେଶାବଳୀ ପ୍ରତି କାର୍ଯ୍ୟାନୁସରଣ କରିବେ ସେମାନଙ୍କୁ ବଡ଼ ବଡ଼ ପୁରସ୍କାର ପ୍ରାପ୍ତ ହୋଇଥାଏ । **(ତଫ୍‌ସିର୍ କବିର୍ ଭାଗ-6, ପୃ-58, ପ୍ରକାଶନ ସ୍ଥାନ-କାଦିଆନ, 2010 ମସିହା)**

☆-☆-☆

## ବିଗତ ସଂଖ୍ୟା-40ର ପୃ-12ରେ ବର୍ଣ୍ଣିତ ଖୁତବା ଜୁମା 05-01-2024ର ଅବଶିଷ୍ଟାଂଶ.....

ବେଳେବେଳେ ଟଙ୍କା ପଇସାର ଆବଶ୍ୟକତା ପଡ଼ିଥାଏ ଏବଂ ହଠାତ୍ କେହି ଆସିଯାଇଥାଏ ଏବଂ ଟଙ୍କା ଧରାଇ ଦେଇଥାଏ । ଯଦି କେବେ ଖାଇବା ପିଇବା ପାଇଁ ସମସ୍ୟା ଆସୁଥିଲା ସେତେବେଳେ ଘରେ ବସିଥିବା ଅବସ୍ଥାରେ ମଧ୍ୟ ଅଲ୍ଲାଃତାଲା କୌଣସି ନା କୌଣସି ମାଧ୍ୟମରେ ଆବଶ୍ୟକତା ପୂରଣ କରି ଦେଉଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସାଇମନ୍ ସାହେବ ନିଜର ସାମର୍ଥ୍ୟତା ଠାରୁ ଅଧିକ ଆର୍ଥିକ ବଳିଦାନ ଦେଉଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାନ୍‌ଜାନିୟାର ଅମୀର୍ ସାହେବ କୁହନ୍ତି: "ବଶୀର୍ ସାହେବ ନାମକ ଜଣେ ବନ୍ଧୁ ୱକ୍‌ଫେ ଜଦିଦ୍‌ରେ ନିଜର ଏବଂ ନିଜ ପରିବାରର 40,000 ଶିଲଙ୍ଗ୍ ଚାନ୍ଦା ପୈଠ କଲେ । ତାଙ୍କର ପତ୍ନି କହିଲେ, ହେଇଟି ଶୁଣଛ ! ଘରର ପରିସ୍ଥିତି ଭଲ ନାହିଁ । ଆପଣ ଏତେ ବଡ଼ ଅର୍ଥ ରାଶି ଚାନ୍ଦାରେ କାହିଁକି ଦେଇ ଆସିଲେ ? ସ୍ୱାମୀ ଉତ୍ତର ଦେଲେ ଯେ, ହେ ମୋ ପ୍ରିୟ ପତ୍ନି ଆପଣ ଆଦୌ ବ୍ୟସ୍ତ ଓ ବିବ୍ରତ ହୁଅନ୍ତୁ ନାହିଁ । ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେଉଥିବା ବଳିଦାନକାରୀକୁ ଅଲ୍ଲାଃତାଲା କେବେ ବି ଅବକ୍ଷୟ ହେବାକୁ ଦିଅନ୍ତି ନାହିଁ । ସେ ଅବଶ୍ୟ ସେହି ବଳିଦାନକୁ ବୃଦ୍ଧି କରି ଫେରସ୍ତ କରିବେ। ସୁତରାଂ କିଛି ଦିନ ମଧ୍ୟରେ ହିଁ ତାଙ୍କୁ ଦୁଇ ତିନୋଟି ବିଭିନ୍ନ ମାଧ୍ୟମରୁ ଏପରି କାମ ମିଳିଗଲା ଯେ, ତାଙ୍କୁ ତାଙ୍କର ଚାନ୍ଦାରେ ପୈଠ କରିଥିବା ରାଶି କେବଳ ପ୍ରାପ୍ତ ହେଲା ନାହିଁ ବରଂ ଏହାଠୁ ବି ଅଧିକ ତାଙ୍କର ଆୟ ହେଲା । ବଶୀର୍ ସାହେବ କୁହନ୍ତି ମୁଁ ଏହା ପୂର୍ବରୁ ମଧ୍ୟ ଅବଗତ ଥିଲି । କିନ୍ତୁ ମୋର ପତ୍ନି ମଧ୍ୟ ବର୍ତ୍ତମାନେ ନିଜ ଚକ୍ଷୁ ସମ୍ମୁଖରେ ଚାନ୍ଦାର କଲ୍ୟାଣ ଅବଲୋକନ କରିନେଲେ ଓ ପତ୍ନିଙ୍କ ବିଶ୍ୱାସ ମଧ୍ୟ ବୃଦ୍ଧି ପାଇଲା।"

ଜର୍ମାନୀର ୱକ୍‌ଫେ ଜଦିଦ୍‌ର ଜାତୀୟ ସଚିବ କୁହନ୍ତି: "ଜମାଅତ୍ ଅହେମଦିୟା ମାଇନ୍‌ଜର (Mainz)ର ଜଣେ ବିଦ୍ୟାର୍ଥୀ ସରକାରୀ ଶିକ୍ଷାନୁଷ୍ଠାନକୁ ଛାତ୍ରବୃତ୍ତି ନିମନ୍ତେ ଆବେଦନ କଲେ । ତାଙ୍କୁ ପାଠ ପଢା ନିମନ୍ତେ କିଛି ଅର୍ଥର ଆବଶ୍ୟକତା ରହିଥିଲା । ସେ କହିଲେ, ମୋର ସେମିଷ୍ଟାର ଆରମ୍ଭ ହେବାକୁ ଅଛି ଏବଂ ମୋ ପାଖରେ ଖୁବ୍ କମ୍ ଟାଙ୍କା ରହିଛି । ଅନ୍ୟ ପଟରେ ୱକ୍‌ଫେ ଜଦିଦ୍‌ର ଆର୍ଥିକ ବର୍ଷ ସମାପ୍ତ ହେବାକୁ ଥିଲା । ମୋତେ ନିଜର ଏବଂ ନିଜ ପରିବାରର ୱାଦାଜାତ୍‌ର ପୈଠ କରିବାର ଥିଲା । ସେହି ବିଦ୍ୟାର୍ଥୀ ଆଶା କରୁଥିଲେ ଯେ, ସେ ଛାତ୍ରବୃତ୍ତି ନିମନ୍ତେ ଯେଉଁ ଆବେଦନ କରିଥିଲେ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଛାତ୍ରବୃତ୍ତି ପ୍ରାପ୍ତ ହୋଇଯିବ । କିନ୍ତୁ ସେ ଯାହା ହେଉ ସେହି ବିଦ୍ୟାର୍ଥୀ ଜଣକ କୁହନ୍ତି ସରକାରୀ ଶିକ୍ଷା ବିଭାଗ ତରଫରୁ ମୋର ଆବେଦନକୁ ପ୍ରତ୍ୟାଖ୍ୟାନ କରିଦିଆଗଲା । ସୁତରାଂ ମୋ ନିକଟରେ ଯେତିକି ପଇସା ଥିଲା ମୁଁ ଅଲ୍ଲାଃତାଲାଙ୍କ ଉପରେ ଭରସା କରି ସେହି ଟଙ୍କାକୁ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଦେଇଦେଲି । ଏହାପରେ ମୋର ସେମିଷ୍ଟାର ପରୀକ୍ଷା ସରିଗଲା ଓ ମୁଁ ସେମିଷ୍ଟାର ସଂପୂର୍ଣ୍ଣ କଲି । ସେମିଷ୍ଟାରରେ ଅଲ୍ଲାଃତାଲା ମୋତେ ଭଲ ନମ୍ବର ପ୍ରଦାନ କଲେ ଏବଂ ସଂପୃକ୍ତ ସରକାରୀ ଶିକ୍ଷା ବିଭାଗ ତରଫରୁ ମୋତେ ପୂର୍ବେ ଛାତ୍ରବୃତ୍ତି ଦେବା ନିମନ୍ତେ ପ୍ରତ୍ୟାଖ୍ୟାନର ଯେଉଁ ନିଷ୍ପତ୍ତି ନେଇଥିଲା ପୁନଶ୍ଚ ହଠାତ୍ ମୋ ଆକାଉଣ୍ଟକୁ 4000/- ଟଙ୍କାର ଅର୍ଥ ରାଶି ଆସିଗଲା । ସୁତରାଂ ସେହି ଛାତ୍ର ଜଣକ କୁହନ୍ତି ଯେ, ମୋର ତ' ଏହି ବିଶ୍ୱାସ ରହିଛି ଯେ, ଏହା ବଳିଦାନ ଦେବା ଯୋଗୁଁ ହିଁ ଏହା ସମ୍ଭବପର ହୋଇପାରିଛି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଭାରତରେ ସାଓନ୍ତୱାଡ଼ି ନାମକ ଏକ ସ୍ଥାନ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ରହିଛି। ସେଠାକାର ସିରାଜ୍ ସାହେବ ନାମକ ଜଣେ ସଜ୍ଜନ ବ୍ୟକ୍ତି ଅଟନ୍ତି । ସେ କହିଲେ, ମୁଁ ଆର୍ଥିକ ବଳିଦାନର କଲ୍ୟାଣକୁ ସ୍ୱଚକ୍ଷୁରେ ଅବଲୋକନ କରିଛି । ମୋର ୱକ୍ଫେ ଜଦିଦ୍‌ର ଚାନ୍ଦା କୋଭିଡ୍ ଯୋଗୁଁ ବାକି ରହିଯାଇଥିଲା । ଦୁଇ ତିନି ବର୍ଷ ଧରି ମହୋଦୟଙ୍କ ଉଦ୍ୟାନର କାଠଗୁଡ଼ିକ ବର୍ଷା ଯୋଗୁଁ ନଷ୍ଟ ହେଉଥିଲା । ଯେଉଁ କାଠ ବେପାରୀ କାଠ କ୍ରୟ କରିବାକୁ ପ୍ରତିଶୃତି ଦେଇଥିଲା ଏବଂ ଯେଉଁ ଟଙ୍କା ଧାର୍ଯ୍ୟ ହୋଇଥିଲା ସେହି ଟଙ୍କା ସେ ପୈଠ କରୁ ନଥିଲା । ସେ ଯାହା ହେଉ ମହୋଦୟ ସିରାଜ୍ ସାହେବ ଗ୍ରାହକ ଖୋଜୁଥିଲେ ହେଲେ ଗ୍ରାହକ ମିଳୁ ନଥିଲା ।

ସୁତରାଂ ଯେତେବେଳେ ୱକଫେ ଜଦିଦର ଇନସ୍ପେକ୍ଟର୍ ସାହେବ୍ ଆସିଲେ ଏବଂ ସେ ଚାନ୍ଦା ଦେବ୍ ପାଇଁ ସିରାଜ୍ ସାହେବଙ୍କୁ କହିଲେ, ସେତେବେଳେ ସିରାଜ୍ ସାହେବ ଦୁଇ ହଜାର ଟଙ୍କା ତୁରନ୍ତ କାଢି ପୈଠ କରିଦେଲେ । ମହୋଦୟ ସିରାଜ୍ ସାହେବ କୁହନ୍ତି, ଯେଉଁ ଗ୍ରାହକ ବେପାରୀ ଜଣକ ପୂର୍ବେ ମୂଲ୍ୟ ନିର୍ଦ୍ଧାରିତ ହେବା ସତ୍ତ୍ୱେ ଜିନିଷ ନେଉ ନଥିଲା କି ପଇସା ମଧ୍ୟ ଦେଉ ନଥିଲା ସେ ହଠାତ୍ ଆସି 20 ହଜାର୍ ଟଙ୍କା ଦେଇ ସମସ୍ତ ମାଲ୍ (କାଠ ଜିନିଷପତ୍ର) ନେଇଗଲା । ମହୋଦୟ କୁହନ୍ତି, ମୋର ଏହି ବିଶ୍ୱାସ ରିହଛି ଯେ, ଏହା ଚାନ୍ଦା ଦେବାର କଲ୍ୟାଣ ଯୋଗୁଁ ଅର୍ଥାତ୍ ମୁଁ ଅଲ୍ଲାଃତାଲା ତାଲାଙ୍କ ମାର୍ଗରେ 2 ହଜାର ଟାଙ୍କ ଦେଇଥିବାରୁ ଅଲ୍ଲାଃତାଲା ମୋର 2 ହଜାର ଟଙ୍କାକୁ ବୃଦ୍ଧି କରି ମୋତେ 20 ହଜାର ଟଙ୍କା ଫେରସ୍ତ କରକିଦେଲେ । ଅନ୍ୟଥା ଯେଉଁ ଜିନିଷଟି ବର୍ଷ ବର୍ଷ ଧରି ନିଷ୍ଟ ହେଉଥିଲା ତାହା ଆଗକୁ ମଧ୍ୟ କ୍ଷୟ ଓ ନଷ୍ଟ ହୋଇପାରି ଥାଆନ୍ତା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କାନାଡ଼ାର ଜଣେ ଲଜ୍‌ନା ସଦସ୍ୟା କୁହନ୍ତି ଯେ, ଜାନୁୟାରୀ ମାସର ପ୍ରଥମ ସପ୍ତାହରେ ଯେତେବେଳେ ମୁଁ ୱକ୍ଫେ ଜଦିଦ୍‌ର ନୂତନ ବର୍ଷର ଘୋଷଣା କଲି ସେତେବେଳେ ଉକ୍ତ ଲଜ୍‌ନା ସାହେବାଙ୍କ ମନରେ ଏହି ଅଗ୍ରହ ସୃଷ୍ଟି ହେଲା ଯେ, ସେ ନିଜର ଓ ନିଜ ସନ୍ତାନମାନଙ୍କର ଚାନ୍ଦା ପୈଠ କରିଦେବେ । ସେ ଯେତେବେଳେ ବ୍ୟାଙ୍କର ଅବସ୍ଥା (ଆକାଉଣ୍ଟ୍‌ର ଆର୍ଥିକ ଷ୍ଟାଟସ ବା ଷ୍ଟେଟ୍‌ମେଣ୍ଟ୍) ଦେଖିଲେ ସେତେବେଳେ ଆକାଉଣ୍ଟ୍‌ରେ କିଛି ପଇସା ନଥିଲା ।

ହୁଜୁର ଅନୱର୍ ଅ.ବ କହିଲେ ସେ ଯାହା ହେଉ ସେହି ଲଜ୍‌ନା କୁହନ୍ତି : "ମୁଁ ଦୁଆ କଲି ଯେ, ହେ ପ୍ରଭୁ ଅଲ୍ଲାଃତାଲା ଆଦୃଷ୍ଟ ମାଧ୍ୟମରେ ମୋ ନିମନ୍ତେ ମଧ୍ୟ ଏହିଭଳି ସାଧନ ସୃଷ୍ଟି କରିଦିଅ ଯେ, ମୁଁ ବି ଚାନ୍ଦା ପୈଠ କରି ପାରିବି । ଅତଏବ୍ କିଛି ଦିନ ଗଲାପରେ ସେ ନିଜର ବ୍ୟାଙ୍କ ଆକାଉଣ୍ଟ୍ ଯେତେବେଳେ ଚେକ୍ କଲେ ସେତେବେଳେ ସେ ଦେଖିଲେ ଯେ, ତାଙ୍କ ଆକାଉଣ୍ଟ୍‌ରେ ପାଖାପାଖି 300 ଡଲାର ଅର୍ଥରାଶି ରହିଛି । ସେ କୁହନ୍ତି: ଏହି ଅର୍ଥରାଶି ହେଉଛି ସେହି ଅର୍ଥରାଶୀ ଯାହାକୁ ମୁଁ ନିଜର ମୃତକମାନଙ୍କ ପକ୍ଷରୁ ଚାନ୍ଦାରେ ପୈଠ କରିବାକୁ ଚାହୁଁଥିଲି । ସୁତରାଂ ମୁଁ ତୁରନ୍ତ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରି ଚାନ୍ଦାରେ ଅର୍ଥରାଶି ପୈଠ କରିଦେଲି।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ମହିଳା ଅଛନ୍ତି । ସେ ନିଜର ଚାନ୍ଦା ପ୍ରତିଶୃତି ବୃଦ୍ଧି କରି ସମସ୍ତ ଅର୍ଥ ପୈଠ କରିଦେଲେ । ତେବେ ପରବର୍ତ୍ତୀ ଦିନ ତାଙ୍କୁ ଆୟକର ବିଭାଗ ପକ୍ଷରୁ ଏବଂ ରେଭେନ୍ୟୁ ବିଭାଗ ପକ୍ଷରୁ ଅତିରିକ୍ତ ଟଙ୍କାର ଚେକ୍ ଫେରସ୍ତ ଆସିଗଲା ଏବଂ ସେହି ଅର୍ଥରାଶି 750 ଡଲାର୍‌ର ଅର୍ଥରାଶି ଥିଲା । ସେହି ମହିଳା ଜଣକ କୁହନ୍ତି : ଏହା ଏତେ ଅଧିକ ଅର୍ଥରାଶି ଥିଲା ଯେ ମୁଁ ତାହାକୁ ଚାନ୍ଦାରେ ପୈଠ କରିଦେଲି ।

ତାନ୍‌ଜାନିୟାରେ ଆମିନା ସାହେବା ନାମକ ଜନୈକା ନବ ଦୀକ୍ଷିତା ମହିଳା ଅଟନ୍ତି। ସେ କୁହନ୍ତି; "ମୁଁ ଯେତେବେଳେ ଅହେମଦିୟତ୍ ସ୍ୱୀକାର କଲି ସେତେବେଳେ ଭିନ୍ନ ବ୍ୟବସ୍ଥାକୁ ଦେଖିଲି । ଅହେମଦିୟା ସଂପ୍ରଦାୟ ଅନ୍ୟ ସଂପ୍ରଦାୟମାନଙ୍କ ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ଥିଲା । ଆର୍ଥିକ ବ୍ୟବସ୍ଥାରେ ପ୍ରତ୍ୟେକ ଚାନ୍ଦାର ରସିଦ୍ ଦିଆଯାଉଥିଲା ଏବଂ ଏହି ବ୍ୟବସ୍ଥା ଅନ୍ୟ କେଉଁଠି ଦେଖିବାକୁ ମିଳୁ ନାହିଁ ।

ଶ୍ରୀମତି ଆମିନା ସାହେବା କୁହନ୍ତି ମୁଅଲ୍ଲିମ୍ ସାହେବ ନଭେମ୍ବର ମାସରେ ଖୁତ୍‌ବା ଜୁମା ଦେଲେ ଏବଂ ୱକ୍ଫେ ଜଦିଦ୍‌ର ଚେନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଲେ । ମୋ ନିକଟରେ ଯିତିକି ପଇସା ଥିଲା ମୁଁ ଚାନ୍ଦାରେ ସେହି ପଇସା ଦେଇ ଦେଲି। ମୋ ଘରର ସ୍ଥିତି ଭଲ ନଥିଲା କି ମୋର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲା । ମୋ କନ୍ୟା (ଝିଅ) ଗର୍ଭବତୀ ଥିଲା । ଡାକ୍ତରଖାନା ନେଇଯିବା ନିମନ୍ତେ ଆବଶ୍ୟକତା ପଡୁଥିଲା । ଘରେ ଯେତେବେଳେ ମୁଁ ପହଞ୍ଚିଲି ସେତେବେଳେ ଇଶା ପରେ ମୋତେ ଜଣେ ବ୍ୟକ୍ତିର ଫୋନ୍ ଆସିଲା । ସେ ମୋ ଠାରୁ ଦୁଇ ବର୍ଷ ପୂର୍ବେ ଧାର ଟଙ୍କା ନେଇଥିଲା ଏବଂ ଯୋଗଯୋଗ କରୁ ନଥିଲା । ଏଥିସଂକ୍ରାନ୍ତରେ ମୁଁ ପୁରାପୁରି ଭୁଲି ଯାଇଥିଲି । ମୁଁ ଏହା ମନେକରି ନେଇଥିଲି ଯେ, ମୋର ଏହି ଟଙ୍କା ଆଉ ମୋତେ ଫେରସ୍ତ ମିଳିବ ନାହିଁ। ସେ ଯାହା ହେଉ ସେହି ବ୍ୟକ୍ତି ଫୋନ୍ କଲା, କ୍ଷମା ପ୍ରାର୍ଥନା କଲା ଏବଂ କାରଣ ଦର୍ଶାଇ ଦୁଇ ହଜାର ଅତିରିକ୍ତ ଅର୍ଥ ରାଶି ମୋତେ ଫେରସ୍ତ କରିଦେଲା । ସୁତରାଂ ଆମିନା ସାହେବା କୁହନ୍ତି ଯେ, ମୁଁ ବଳିଦାନ ସମୟରେ ନିଜର ଆବଶ୍ୟକତାକୁ ପଛରେ ଫିଙ୍ଗିଦେଇଥିଲେ ତେବେ ଅଲ୍ଲାଃତାଲା ଆବଶ୍ୟକ ସ୍ଥଳରେ ମୋତେ ସାହାଯ୍ୟ କଲେ । ଏହିପରି ଭାବରେ ମୋ ଗର୍ଭବତୀ କନ୍ୟାର ଚକିତ୍ସା ମଧ୍ୟ ହୋଇଗଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ନବାଗତମାନଙ୍କ ମନରେ ମଧ୍ୟ ଏହି ମନୋଭାବ ଏବଂ ଏହି ଚିନ୍ତାଧାରା ସୃଷ୍ଟି କରୁଛନ୍ତି ଯେ, ଧନ ପ୍ରଭୁଙ୍କ ତରଫରୁ ଆସିଥାଏ ଏବଂ ଏହି ଚିନ୍ତାଧାର କେବଳ ଓ କେବଳ ଜଣେ ଅହେମଦି ବ୍ୟକ୍ତି ମଧ୍ୟରେ ଦେଖିବାକୁ ମିଳିଥାଏ ।

ନାଇଜେରିୟା ନାମକ ଏକ ଦେଶ ରହିଛି । ଆଜିକାଲି ସେଠିକାର ପରିସ୍ଥିତି ମଧ୍ୟ ଅତ୍ୟନ୍ତ ଶୋଚନୀୟ ରହିଛି । ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ଆମେମାନେ ମାରାଦି ଅଞ୍ଚଳର ଏକ ଗ୍ରାମର ଗସ୍ତ କଲୁ । ଲୋକମାନଙ୍କୁ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଜଣାଇଲୁ । ଲୋକମାନେ ଯଥା ସାମର୍ଥ୍ୟ ୱକ୍‌ଫେ ଜଦିଦ୍‌ରେ ଅଂଶ ଗ୍ରହଣ କଲେ । ଜଣେ ଅଣଅହେମଦି ସେଠାରେ କହିବାକୁ ଲାଗିଲା ଯେ, ଆପଣ ଆମ ଗ୍ରାମର ଅଭାବି ଓ ଦରିଦ୍ର ଲୋକମାନଙ୍କ ଠାରୁ ଚାନ୍ଦା ପଇସା ଆଦାୟ କରୁଛନ୍ତି। ଆପଣଙ୍କୁ ଭଲ ଭାବରେ ଏକଥା ଜଣା ଯେ, ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ଓ ଶୋଚନୀୟ ହୋଇ ପଡ଼ିଛି ।

ଅନ୍ୟାନ୍ୟ ଇସ୍‌ଲାମୀୟ ସଂଗଠନମାନେ ଲୋକମାନଙ୍କ ନିମନ୍ତେ କିଛି ନା କିଛି ସାହାଯ୍ୟ ନେଇ ଆସୁଛନ୍ତି ଆଉ ଆପଣମାନେ ସେମାନଙ୍କୁ ଚାନ୍ଦା ମାଗୁଛନ୍ତି ! ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ଏହା ପୂର୍ବରୁ ମୁଁ କିଛି ଉତ୍ତର ଦେଇ ଥାଆନ୍ତି ଜଣେ ଅହେମଦି ଛିଡ଼ା ହେଲେ ଏବଂ ଅତ୍ୟନ୍ତ ଆବେଗ ଓ ଉତ୍ସାହପୂର୍ଣ୍ଣ ଭାବରେ କହିବାକୁ ଲାଗିଲେ ଯେ, ଅନ୍ୟାନ୍ୟା ଇସ୍‌ଲାମୀୟ ସଂଗଠନମାନ ଏଠାକୁ ଆସୁଛନ୍ତି। ଠିକ୍ ଅଛି। କେହି ଉନ୍ନୟନମୂଳକ ସାହାଯ୍ୟ କରି ଦେଉଥିବେ । କିନ୍ତୁ କୌଣସି ଇସ୍‌ଲାମୀୟ ସଂଗଠନ ଆମମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କିଛି ଭଲ ଶିକ୍ଷା ଏବଂ ଭଲ କଥାର ଶିକ୍ଷା ଦେଇଛନ୍ତି କି ?

ସେହି ସଂଗଠନମାନେ ଉନ୍ନୟନମୂଳକ କାର୍ଯ୍ୟ କରି ତ' ଚାଲି ଯାଉଛନ୍ତି । କିନ୍ତୁ ଜମାଅତ୍ ଅହେମଦିୟା ହିଁ ଏକମାତ୍ର ସଂଗଠନ ଯିଏ ଧର୍ମ ଶିକ୍ଷା ଦେଇଥାଏ ଏବଂ ଏଠାରେ ମୁଅଲ୍ଲିମ୍ ସାହେବ ଆମ ଠାରୁ ଚାନ୍ଦା ଅସୁଲ୍ (ଆଦାୟ) କରିବା ନିମନ୍ତେ ଆସି ନାହାନ୍ତି ବରଂ ଆମମାନଙ୍କୁ ଆର୍ଥିକ ବଳିଦାନ ଦେବା ନିମନ୍ତେ ଆମମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବାକୁ ଆସିଛନ୍ତି । ଅର୍ଥାତ୍ ଆଁହଜରତ ସ.ଅଙ୍କ କାଳରେ ସାହାବାମାନେ ଯେଉଁ ବଳିଦାନ ଦେଇଥିଲେ ଆମେମାନେ ମଧ୍ୟ ସେହିପରି ବଳିଦାନ (ଧନ, ମନ ଓ ପ୍ରାଣର ବଳିଦାନ) ଦେଇ କେବଳ ସଂସାର ଲୋକରେ ନୁହଁ ବରଂ ଶେଷ ଯୁଗରେ ମଧ୍ୟ ଏହାର ଉତ୍ତମ ପ୍ରତିଫଳ ପ୍ରାପ୍ତ କରିପାରିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହା ହେଉଛି ଚାନ୍ଦା ଦେବାର ଅବବୋଧ ସେହି ଦୂରବର୍ତ୍ତୀ ଏବଂ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଅହେମଦିମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହୋଇଛି । ଅର୍ଥାତ୍ ଅହେମଦି ହେବା ପରେ ସେମାନଙ୍କ ମନରେ ଏହିପରି ଚିନ୍ତାଧାରା ଉଦ୍ରେକ ହେଉଛି ଏବଂ ଏହି ଚିନ୍ତାଧାରା ଅଲ୍ଲାଃତାଲା ହିଁ ସୃଷ୍ଟି କରୁଛନ୍ତି । ସେହି ଅହେମଦିମାନେ ଆର୍ଥିକ ବଳିଦାନ ଦେଇ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିର ଅଭିଳାଷୀ ଅଟନ୍ତି । ତେଣୁ ଅଲ୍ଲାତାଲାଙ୍କ ପ୍ରସନ୍ନତା, ଅନୁଗ୍ରହତା, ସଦିଚ୍ଛା ଓ କରୁଣା ପ୍ରାପ୍ତ କରିବା ନିମନ୍ତେ ବଳିଦାନ ଦେବା ଏକାନ୍ତ ଅବଶ୍ୟକ । ସୁତରାଂ ବଳିଦାନ ଦେବା ଫଳରେ ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ ମଧ୍ୟ ଅଧିକ ହୋଇଥାଏ । ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ କଥା ଶୁଣି ସେହି ଅଣଅହେମଦି ବନ୍ଧୁମାନେ ନିରବ ହୋଇଗଲେ ।

ସୁତରାଂ ଅଲ୍ଲାଃତାଲା କିପରି ସୁନ୍ଦର ସୁନ୍ଦର ନୈଷ୍ଠିକ ବଳିଦାନକାରୀ ସଂସାରର ପ୍ରତ୍ୟେକ କୋଣ ଅନୁକୋଣରେ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରଦାନ କରିଛନ୍ତି । ଏହାର ଏକ ଦୀର୍ଘ ସୂଚୀ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୋ ନିମନ୍ତେ ଏହା କଷ୍ଟକର କାର୍ଯ୍ୟ ଥିଲା ଯେ, ମୁଁ କାହାର ଚର୍ଚ୍ଚା କରିବି ଓ କାହାର ଚର୍ଚ୍ଚାକୁ ମୁଁ ବାଦ୍‌ଦେବି (ଅର୍ଥାତ୍ ପରିତ୍ୟାଗ କରିଦେବି) ? ଏପରି ଅସଂଖ୍ୟାଘଟଣାବଳୀ ରହିଛି।

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ସମୟାଭାବ ହେତୁ ମୁଁ ସେହି ସବୁ ଘଟଣାକୁ ବର୍ଣ୍ଣନା ପରିସରଭୁକ୍ତ କରିପାରିଲି ନାହିଁ । କିନ୍ତୁ ମୁଁ ଯେଉଁ ଘଟଣାବଳୀଗୁଡ଼ିକୁ ଛାଡ଼ି ଦେଇଛି ଅର୍ଥାତ୍ ବର୍ଣ୍ଣନା କରିପାରି ନାହିଁ ସେହି ସବୁ ବର୍ଣ୍ଣନା

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଏବ ଘଟଣାବଳୀଗୁଡ଼ିକରେ ବଳିଦାନ ଦେଇଥିବା ନୈଷ୍ଠିକ ବଳିଦାନକାରୀଙ୍କ ନିଷ୍ଠା ଏବଂ ବିଶ୍ୱାସରେ କୌଣସି ତାରତମ୍ୟ ପରିଲକ୍ଷିତ ହୋଇ ନାହିଁ । ସେହି ନୈଷ୍ଠିକ ଲୋକ (ବଳିଦାନକାରୀମାନେ) ମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ନିମନ୍ତେ ଏହି ବଳିଦାନ ଦେଇଛନ୍ତି। କିନ୍ତୁ ଅଲ୍ଲାଃତାଲା କାହାର କିଛି ଧାର (ଋଣ) ରଖନ୍ତି ନାହିଁ । ବରଂ ସେ ସେହି ବଳିଦାନକାରୀଙ୍କ ବଳିଦାନକୁ ସ୍ୱୀକାର କରି ସେମାନଙ୍କୁ ବିଶ୍ୱାସ ଓ ଅସ୍ଥାରେ ଅଭିବୃଦ୍ଧିର ଏକ ମାଧ୍ୟମ ସୃଷ୍ଟି କରିଥାଆନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ମୋର ପ୍ରିୟ ବନ୍ଧୁମାନେ ! ମୁଁ ଆପଣମାନଙ୍କୁ ଏହି ବିଶ୍ୱାସ ଓ ପ୍ରତିଶୃତି ଦେଉଅଛି ଯେ, ଅଲ୍ଲାଃତାଲା ମୋ ମନରେ ଯେଉଁ ଉତ୍ସାହ ସୃଷ୍ଟି କରିଛନ୍ତି ତାହା କେବଳ ଆପଣମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ନିମନ୍ତେ ପ୍ରଦାନ (ସୃଷ୍ଟି) କରିଛନ୍ତି। ମୋତେ ଯେଉଁ ଅଧ୍ୟାତ୍ମ ପ୍ରଦାନ କରାଯାଇଛି ତାହା ଏକ ପ୍ରକୃତ ଅଧ୍ୟାତ୍ମ ପରିଚୟ ଅଟେ। ଏହି ପ୍ରକୃତ ଅଧ୍ୟାତ୍ମ ପରିଚୟ ଆପଣମାନଙ୍କ ବିଶ୍ୱାସ ଏବଂ ଅଧ୍ୟାତ୍ମ ପରିଚୟରେ ଆଧିକ୍ୟତା ନିମନ୍ତେ ମୋତେ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । ତେଣୁ ଉକ୍ତ ଅଧ୍ୟାତ୍ମ ପରିଚୟର ଆପଣମାନଙ୍କୁ ଆପଣମାନଙ୍କର ସନ୍ତାନ ସନ୍ତତିଙ୍କୁ ଆବଶ୍ୟକତା ରହିଛି । ତେଣୁ ମୁଁ ଏଥି ନିମନ୍ତେ ତତ୍ପର ଭାବରେ ଛିଡ଼ା ହୋଇଅଛି। କାରଣ ଆପଣମାନେ ନିଜର ପବିତ୍ର ଧନରୁ ନିଜର ଧାର୍ମିକ ଅଭିଯାନ ନିମନ୍ତେ ସାହାଯ୍ୟ କରନ୍ତୁ ।

ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଶକ୍ତି, ସାମର୍ଥ୍ୟତା ଏବଂ ବ୍ୟାପକତା ଅର୍ଥାତ୍ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଛନ୍ତି ସେ ପ୍ରଭୁଙ୍କ ମାର୍ଗରେ କେବେ ବି ବଳିଦାନ ଦେବାରେ ପଶ୍ଚାତ୍‌ପଦ ଓ କୁଣ୍ଠାବୋଧ ନକରୁ । ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ତୁଳନାରେ ନିଜର ଧନସମ୍ପତ୍ତିକୁ କେବେ ବି ପ୍ରାଧାନ୍ୟ ଦିଅନ୍ତୁ ନାହିଁ । ମୁଁ ଯେଉଁ ଆଶା କରୁଛି ଏବଂ ସମ୍ଭାବନା ମଧ୍ୟ ଯାହା ରହିଛି ଯେ, ଈଶ୍ୱର ମୋତେ ଯେଉଁ ପବିତ୍ରାତ୍ମା ପ୍ରଦାନ କରିଛନ୍ତି ସେହି ପବିତ୍ରାତ୍ମା ମାଧ୍ୟମରେ ମୁଁ ସଂକଳନ ଓ ସମ୍ପାଦନ କାର୍ଯ୍ୟ (ପୁସ୍ତକ) ମାଧ୍ୟମରେ ଏହିସବୁ ଜ୍ଞାନ ଓ କଲ୍ୟାଣକୁ ଏସିଆ ଓ ଇଉରୋପର ଦେଶମାନଙ୍କରେ ମୁଁ ପରିବ୍ୟାପ୍ତ କରିଦେବି ।"

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-516)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ଆର୍ଥିକ ବଳିଦାନ ମାଧ୍ୟମରେ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଯେଉଁ ଧର୍ମ ପ୍ରଚାର କାର୍ଯ୍ୟ ହୋଇ ଥାଆନ୍ତା ତାହା ସମ୍ପାଦନ ହେଉଅଛି । ଆଫ୍ରିକାରେ ବାସ କରୁଥିବା ଅଭାବି ଏବଂ ଦରିଦ୍ର ଅହେମଦିମାନେ ଓ ସ୍ୱଳ୍ପ ସାଧନର ଅଧିକାରୀ ଥିବା ଅହେମଦିମାନେ ନିଜ ବଳିଦାନର ଯେଉଁ ସର୍ବୋଚ୍ଚ ସ୍ତର ପ୍ରଦର୍ଶନ କରିବା ସତ୍ତ୍ୱେ ମଧ୍ୟ ଉକ୍ତ କଥାର ଅଧିକାରୀ ହୋଇପାରିବେ ନାହିଁ । କାରଣ ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର, ପ୍ରକାଶନ ଇତ୍ୟାଦିର ଯେଉଁ କାର୍ଯ୍ୟ ହେଉଛି ସେହି କାର୍ଯ୍ୟକୁ ଏହି ଆର୍ଥିକ ଅନଗ୍ରସର ଦେଶମାନେ ମଧ୍ୟ ସର୍ବୋଚ୍ଚ ଢଙ୍ଗରେ ଉପସ୍ଥାପିତ କରି ପାରିବେ ନାହିଁ ।

ଅତଃ ଇଉରୋପ ଏବଂ ଆମେରିକା ଇତ୍ୟାଦି ବିକଶିତ ଧନୀ ରାଷ୍ଟ୍ରମାନେ ରହିଛନ୍ତି ସେମାନଙ୍କ ୱକ୍‌ଫେ ଜଦିଦ୍‌ର ଚାନ୍ଦାର ଅର୍ଥ ଏବଂ ଅର୍ଥର ଅଧିକାଂଶ ଅଂଶ ସେହି ଗରିବ ଦେଶମାନଙ୍କରେ ଏବଂ ସଂପ୍ରଦାୟର ଉନ୍ନତି କାର୍ଯ୍ୟରେ ବ୍ୟୟ ହୋଇଥାଏ। ଅଲ୍ଲାଃତାଲା ସେହି ସମସ୍ତ ଲୋକମାନଙ୍କୁ ବିଶ୍ୱାସରେ, ଆସ୍ଥାରେ, ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ। ଏହି ଅହେମଦିମାନେ ଯେକୌଣସି ଢଙ୍ଗରେ ବଳିଦାନ ଦେଇ ଥାଆନ୍ତୁ ନା କାହିଁକି କିନ୍ତୁ ବଳିଦାନ ଦେବା ନିମନ୍ତେ ସର୍ବଦା ଏହି ନୈଷ୍ଠିକ ଅହେମଦୀମାନେ ସର୍ବଦା ତତ୍ପର ଓ ଚେଷ୍ଟିତ ରହିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ବିଗତ ବର୍ଷ ଚାନ୍ଦା ୱକ୍‌ଫେ ଜଦିଦ୍‌ର ପରିସଂଖ୍ୟାନ ସଂପର୍କରେ ଚର୍ଚ୍ଚା କରି ଦେଉଛି । ଅଲ୍ଲାଃତାଲାଙ୍କ କୃପାରୁ ୱକ୍‌ଫେ ଜଦିଦ୍‌ର ୬୬ ତମ ଆର୍ଥିକ ବର୍ଷ ଡିସେମ୍ବର ମାସ ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ନୂତନ ବର୍ଷ ଅର୍ଥାତ୍ ଜାନୁୟାରୀ ମାସ (ପହିଲା) ୧ ତାରିଖ ଠାରୁ ୬୭ ତମ ବର୍ଷର ପ୍ରାରମ୍ଭ ହୋଇଯାଇଛି । ୨୦୨୩ ମସିହାରେ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌କୁ ୧ କୋଟି ୨୯ ଲକ୍ଷ ୪୧ ହଜାର ପାଉଣ୍ଡ ଆର୍ଥିକ ବଳିଦାନ ଦେବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଅର୍ଥାତ୍ ପ୍ରାୟ ୧୩ ମିଲିୟନ୍ ପାଉଣ୍ଡ୍ । ଉକ୍ତ ଆଦାୟ ବିଗତ ବର୍ଷ ତୁଳନାରେ ୦୭ ଲକ୍ଷ ୧୮ ହଜାର ପାଉଣ୍ଡ ଅତିରିକ୍ତ ଅଟେ । **ଅଲ୍‌ହମ୍‌ଦୁଲିଲ୍ଲାଃ ।**

ଆଦାୟ ଦୃଷ୍ଟିରୁ ପୃଥିବୀ ବ୍ୟାପୀ ବ୍ରିଟେନ୍‌ର ଜମାଅତ୍ ଚଳିତ ବର୍ଷ ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଏହାପରେ ଦ୍ୱିତୀୟ ସ୍ଥାନରେ କାନାଡ଼ା ରହିଛି । କାନାଡ଼ା ମଧ୍ୟ ଭଲ ଅଭିବୃଦ୍ଧ କରିଛି । କାନାଡ଼ାବାସୀମାନେ ଅଂଶଗ୍ରହଣକାରୀ ବୃଦ୍ଧି କରିଛନ୍ତି। ଏହା ସେମାନଙ୍କର ବିଗତତ ବର୍ଷ ଅପେକ୍ଷା ଚଳିତ ବର୍ଷର ସବୁଠୁ ବଡ଼ ବିଶେଷତା ଅଟେ । ପୁନଶ୍ଚ ତୃତୀୟରେ ଜର୍ମାନୀ ରହିଛି । ଚତୁର୍ଥରେ ଆମେରିକା, ପଞ୍ଚମରେ, ପାକିସ୍ତାନ, ଷଷ୍ଠରେ ଭାରତ, ସପ୍ତମରେ ଅଷ୍ଟ୍ରେଲିୟା, ଅଷ୍ଟମରେ ମିଡ଼ିଲ୍ ଇଷ୍ଟ୍‌ର ଏକ ଜମାଅତ୍, ଅଷ୍ଟମରେ ଇଣ୍ଡୋନେସିଆ, ନବମରେ ମିଡ଼ିଲ୍ ଇଷ୍ଟ୍‌ର ଆଉ ଏକ ଜମାଅତ୍, ଦଶମରେ ବେଲ୍‌ଜିୟମ୍ ।

ଆଫ୍ରିକାର ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରଥମ ୧୦ଟି ଜମାଅତ୍ ହେଲେ; ମରେଶିୟସ୍ , ଘାନା, , ବୁର୍କିନାଫାସୋ । ବୁର୍କିନାଫାସୋର ପରିସ୍ଥିତି ଅତ୍ୟନ୍ତ ଖରାପ ରହିଛି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ବୁର୍କିନାଫାସୋ ତୃତୀୟ ସ୍ଥାନ ଅଧିକାର କରିଛି। ଏହାପରେ ତାନ୍‌ଜାନିୟା ରହିଛି, ନାଇଜେରିୟା ରହିଛି, ଲାଇବେରିୟା, ପୁନଶ୍ଚ ଗ୍ୟାମ୍ବିୟା, ୟୁଗାଣ୍ଡା, ସେରାଲିଓନ୍ ।

ଚାନ୍ଦାରେ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ମଧ୍ୟରେ ଅଭିବୃଦ୍ଧି ଦୃଷ୍ଟିରୁ ଯେଉଁ ଦେଶ ଚେଷ୍ଟା କରିଛନ୍ତି ସେମାନେ ହେଲେ- କାନାଡା, ତାନ୍‌ଜାନିୟା, କ୍ୟାମରୁନ୍, ଗ୍ୟାମ୍ବିୟା, ନାଇଜେରିୟା, ଗିନି ବସାଓ, କଙ୍ଗୋ କିନ୍‌ଶାସା ପ୍ରଭୃତି ଉଲ୍ଲେଖଯୋଗ୍ୟ ଅଟନ୍ତି ।

ଆଦାୟ ଦୃଷ୍ଟିରୁ ବ୍ରିଟେନ୍‌ର ଦଶଟି ବଡ଼ ଜମାଅତ୍ ହେଲେ, ଫାର୍ଣ୍ଣହ୍ୟାମ (Farnham), ୱୋରଷେଷ୍ଟର୍ ପାର୍କ (Worcester Park), ୱାଲ୍‌ସାଲ୍ (Walsall), ଆଲ୍‌ଡ଼ର୍ ଶଟ୍ ସାଉଥ୍ (Alder shot south), ଇସ୍‌ଲାମାବାଦ୍ (Islamabad), ଜିଲିନିଂଘମ୍ (Gillingham), ଏଶ୍ (Ash), ସାଉଥ୍ ଚେମ୍ (South Cheam), ଇୱେଲ୍ (Ewell) ଓ ହନ୍‌ସ୍ଲୋ ।

ଅଞ୍ଚଳ ମଧ୍ୟରେ ବୈତୁଲ୍ ଫୁତୁହ୍ ପ୍ରଥମ ସ୍ଥାନରେ ରହିଛି, ଇସ୍‌ଲାମାବାଦ ଦ୍ୱିତୀୟ ସ୍ଥାନରେ ରହିଛି,ପୁନଶ୍ଚ ତୃତୀୟରେ ମିଡ଼ଲ୍ୟାଣ୍ଡସ୍ (Midlands), ଚତୁର୍ଥରେ ମସ୍‌ଜିଦ୍ ଫଜଲ୍ ରହିଛି, ପଞ୍ଚମରେ ବୈତୁଲ୍ ଏହ୍‌ସାନ୍ ପଞ୍ଚମରେ ରହିଛି ।

ଦଫ୍‌ତର୍ ଅୱଲ୍ ଦୃଷ୍ଟିରୁ ଦଶଟି ଜମାଅତ୍‌ମାନେ ହେଲେ, ଆଲ୍‌ଡ଼ର୍ ଶଟ୍ ସାଉଥ୍ (Aldershot south), ଫାର୍ଣ୍ଣହ୍ୟାମ, ଆଲ୍‌ଡ଼ର୍ ଶଟ୍ ନର୍ଥ୍ (Aldershot North),ଏଶ୍ (Ash), ଇସ୍‌ଲାମାବାଦ୍ (Islamabad), ରୋଏହ୍ୟାମ୍ପଟନ୍ (Roehampton), ସାଉଥ୍ ଚେମ୍ (South Cheam), ମାନଞ୍ଚେଷ୍ଟର ନର୍ଥ, ବର୍ମିଂଘମ୍ ୱେଷ୍ଟ (Birmingham West), ବ୍ରାଡ଼୍‌ଫର୍ଡ଼ ସାଉଥ୍ (Bradford South) ଇତ୍ୟାଦି।

(ଛୋଟ ଜମାଅତରେ ଆଦାୟ ଦୃଷ୍ଟିରୁ ପାଞ୍ଚଟି ଜମାଅତ୍‌ମାନେ ହେଲେ, ସ୍ୱେନ୍ ଭ୍ୟାଲି, କ୍ୟାଥଲୀ, ନର୍ଥ ୱିଲେଜ୍, ନର୍ଥ ହ୍ୟାମ୍ପଟନ୍, ସୁୱାନ୍‌ଜୀ ।

କାନାଡ଼ାର ବଡ଼ ବଡ଼ ରାଜ୍ୟମାନେ ହେଲେ, ଭନ୍ (Vaughn), କ୍ୟାଲ୍‌ଗିରୀ (Calgary), ପିସ୍ ଭିଲେଜ୍ (Peace Village), ୱ୍ୟାଙ୍କୁଓଭର (Vancouver), ବ୍ରାମ୍ପଟନ୍ ୱେଷ୍ଟ (Brampton-West), ଟରେଣ୍ଟୋ (Toronto), ରେଜାଇନା (Regina) ।

କାନାଡ଼ାର ଦଶଟି ବଡ଼ ଜମାଅତ୍‌ମାନେ ହେଲେ, ମିଲ୍‌ଟନ୍ ଇଷ୍ଟ (Milton East), ମିଲ୍‌ଟନ୍ ୱେଷ୍ଟ୍ (Milton West), ଓଟାୱା ୱେଷ୍ଟ୍ (Ottawa West), ଇନିସ୍‌ଫିଲ୍ (Innisfil), ଏବୋଟ୍‌ସ୍ ଫୋର୍ଡ୍ (Abbots ford), ନ୍ୟୁଫାଉଣ୍ଡଲ୍ୟାଣ୍ଡ (Newfoundland) ପ୍ରଭୃତି ଜମାଅତ୍‌ମାନେ ଅନ୍ୟତମ ଅଟନ୍ତି ।

ଦଫ୍‌ତର୍ ଅତ୍‌ଫାଲରେ ଯେଉଁ ରାଜ୍ୟମାନେ ରହିଛନ୍ତି ତନ୍ମଧ୍ୟରେ ଭନ୍ (Vaughn), ପିସ୍ ଭିଲେଜ୍(Peace Village), ଟରେଣ୍ଟୋ ୱେଷ୍ଟ୍ (Toronto Wes), ୱ୍ୟାଙ୍କୁଓଭର (Vancouver) କ୍ୟାଲ୍‌ଗିରୀ (Calgary), ମିସିସାଗା (Misssisauga) ।

ଦଫତର୍ ଅତଫାଲର ଜମାଅତମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ଯେଉଁ ଜମାଅତ୍ ରହିଛି ସେ ହେଉଛି ଡରହମ୍ ୱେଷ୍ଟ୍ (Durham West), ଦ୍ୱିତୀୟରେ ମିଲ୍‌ଟନ୍ ୱେଷ୍ଟ୍ (Milton West), ତୃତୀୟରେ ହଦିକା ଅହେମଦ୍ (Hadika Ahmed), ଚତୁର୍ଥରେ ମଣ୍ଟ୍ରିୟାଲ୍ ୱେଷ୍ଟ୍ (Montreal West), ହ୍ୟାମିଲ୍‌ଟନ୍ ମାଉଣ୍ଟେନ୍ (Hamilton Mountain) ଇତ୍ୟାଦି ଇତ୍ୟାଦି ।

ଜର୍ମାନୀର ପାଞ୍ଚଟି ରାଜ୍ୟ ହେଲେ, ପ୍ରଥମରେ ହ୍ୟାମ୍ବର୍ଗ (Hamburg), ଦ୍ୱିତୀୟରେଫ୍ରାଙ୍କଫର୍ଟ(Frankfurt),ତୃତୀୟରେୱିଜ୍‌ବାଦନ୍(Wiesbaden), ଗ୍ରସ୍ ଗେରାଉ (Gros Gerau), ରେଡ୍ ଷ୍ଟେଟେଡ୍ (Riedstadt) ।

ଜର୍ମାନୀର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ରୋଏଡ଼ମାର୍କ (Roede mark), ରୋଡ଼୍‌ଗାଉ (Rodgau), ନେଡ଼ା (Nidda), ଫ୍ରେଡ୍‌ବର୍ଗ (Friedberg), ଫ୍ଲୋରିସ ହାଏମ୍ (Florsheim), ନିଉଅସ୍ (Neuss), ମାଇନଜ୍ (Mainz), ମେହ୍‌ଦୀବାଦ୍, ଓସ୍ନାବ୍ରୁକ୍, କୋବ୍‌ଲେନ୍‌ଜ୍ (Koblenz).

ଦଫ୍‌ତର୍ ଅତ୍‌ଫାଲରେ ମେନ୍ ହାଏମ୍ ପ୍ରଥମ ସ୍ଥାନରେ ରହିଛି, ଏହାପରେ ଡିଏଟସନ୍ ବାଖ୍, ହେସେନ୍ ସାଉଥ୍ ୱେଷ୍ଟ୍ (Hessen South West), ରାଏନ୍ ଲ୍ୟାଣ୍ଡ ଫାଲ୍‌ଜ୍ (Rheinland pflaz), ୱେଷ୍ଟ୍ ଫଲେନ୍ (West Fallen)।

ଆମେରିକାର ଦଶଟି ଜମାଅତ୍‌ମାନେ ହେଲେ, ଲସ୍ ଏଞ୍ଜେଲସ୍ (Los Angeles), ମ୍ୟାରୀଲାଣ୍ଡ୍ (Maryland), ନର୍ଥ ଭର୍ଜିନିୟା (North Virginia), ସିୟାଟେଲ୍ (Seattle), ସିଲିକନ୍ ଭ୍ୟାଲୀ (Silicon Valley), ବୋଷ୍ଟନ୍ (Boston), ଏଷ୍ଟନ୍ (Aston), ଓଶ୍‌କଶ (Oshkosh), ମିନିଓସୋଟା (Minnesota), ପୋର୍ଟଲ୍ୟାଣ୍ଡ୍ ।

ଦଫତର୍ ଅତ୍‌ଫାଲର ଜମାଅତମାନଙ୍କ ମଧ୍ୟରେ ସିୟାଟେଲ୍ (Seattle), ଲସ୍ ଏଞ୍ଜେଲସ୍ (Los Angeles), ମ୍ୟାରୀଲାଣ୍ଡ (Maryland), ସାଉଥ୍ ଭର୍ଜିନିୟା (South Virginia), କ୍ଲିଭ୍ ଲ୍ୟାଣ୍ଡ୍ (Cleveland), ଏଷ୍ଟନ୍ (Aston), ସିଲିକନ୍ ଭ୍ୟାଲୀ (Silicon Valley), ଓଶ୍‌କଶ (Oshkosh), ଇଣ୍ଡିଆନା (Indiana), ଜାଏନ୍ (Zion)

ପାକିସ୍ତାନ୍‌ରେ ଯେଉଁ ଜମାଅତ୍ ପ୍ରଥମ ସ୍ଥାନ ଅଧିକାର କରିଛି ସେ ହେଉଛି ଲାହୋର୍, ରବ୍‌ୱା, କରାଚୀ । ପାକିସ୍ତାନ୍‌ର ଜିଲ୍ଲାମାନଙ୍କ ଦୃଷ୍ଟିରୁ ମଧ୍ୟ ସର୍ବାଗ୍ରେ

ରହିଛନ୍ତି ସେମାନେ ହେଲ ଇସ୍‌ଲାମାବାଦ୍, ଫୈସ୍‌ଲାବାଦ୍, ଗୁଜ୍‌ରାନାୱାଲା, ଗୁଜୁରାଟ, ସର୍ଗୋଧା, ଉମର୍‌କୋଟ୍, ମୁଲ୍‌ତାନ୍, ହାଇଦ୍ରାବାଦ୍, ମୀର୍‌ପୁର୍ ଖାସ୍, ଡେରାଗାଜି ଖାନ୍ ଇତ୍ୟାଦି ଇତ୍ୟାଦି ।

ଦଫ୍‌ତର୍ ଅତ୍‌ଫାଲ୍‌ର ତିନୋଟି ବଡ଼ ଜମାଅତ୍ ରହିଛନ୍ତି ତନ୍ମଧ୍ୟରେ ପ୍ରଥମରେ ଲାହୋର, ଦ୍ୱିତୀୟରେ, ରବ୍‌ୱା, ତୃତୀୟରେ କରାଚୀ ।

ଦଫ୍‌ତର୍ ଅତ୍‌ଫାଲ୍‌ରେ ଜିଲ୍ଲାମାନଙ୍କର ଅବସ୍ଥିତି ଦୃଷ୍ଟିରୁ ପ୍ରଥମ ସ୍ଥାନରେ ଇସ୍‌ଲାମବାଦ୍ ରହିଛି, ଫୈସ୍‌ଲାବାଦ୍, ନାରୋୱାଲ୍, ସର୍ଗୋଧା, ଉମର୍‌କୋଟ୍, ଗୁଜ୍‌ରାନାୱାଲା, ମୀର୍‌ପୁର୍ ଖାସ୍, ଗୁଜୁରାଟ, ହାଇଦ୍ରାବାଦ୍, ଶେଖୁପୁରା ।

ପାକିସ୍ତାନ୍‌ରେ ସ୍ଥାନୀୟ ମୁଦ୍ରା ଅତି ମାତ୍ରାରେ ହ୍ରାସ ପାଇଥିବା ହେତୁ ଅଲ୍ଲାଃତାଲାଙ୍କ କୃପାରୁ ସେମାନେ ଚାନ୍ଦାରେ ଅତ୍ୟଧିକ ଅଭିବୃଦ୍ଧି କରିଛନ୍ତି ଏବଂ ବହୁତ ବଡ଼ ବଳିଦାନ ଦେଇଛନ୍ତି ।

ଭାରତର ୧୦ଟି ପ୍ରଦେଶ ହେଲେ; କେରଳ, ତାମିଲନାଡୁ, ଜାମ୍ମୁକାଶ୍ମୀର, ତେଲେଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ, ମହାରାଷ୍ଟ୍ର, ।

ଆଦାୟ ଦୃଷ୍ଟିରୁ ଭାରତର ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା ଜମାଅତ୍‌ମାନେ ହେଲେ; ହାଇଦ୍ରାବାଦ୍, କୋୟମ୍ବଟୁର୍, କାଦିୟାନ୍, କାଲିକଟ୍, ମନଜେରୀ, ବାଙ୍ଗାଲୋର, ମେଲାପାଲାଏମ୍, କଲିକତା, କେରୁଲାଇ, ଓ କେରଙ୍ଗ୍ ।

ଅଷ୍ଟ୍ରେଲିୟାର ଯେଉଁ ଦଶଟି ବଡ଼ ଜମାଅତ୍ ରହିଛିନ୍ତି ତନ୍ମଧ୍ୟରେ ପ୍ରମୁଖ ଜମାଅତ୍‌ମାନେ ହେଲେ, ମେଲ୍‌ବର୍ଣ୍ଣ (Melbourne), ଲଙ୍ଗ୍ ୱାରିନ୍ (Melbourne Langwarrin), କାସିଲ୍ ହିଲ୍ (Castle Hill), ମାର୍ସଡେନ୍ ପାର୍କ (Marsden Park), ଲୋଗାନ୍ ଇଷ୍ଟ (Logan East), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ପେନ୍‌ରିଥ୍ (Penrith), ପର୍ଥ (Perth), ମେଲ୍‌ବର୍ଣ୍ଣ କ୍ଲାଇଡ୍ (Melbourne Clyde), ପାରାମାଟା (Parramatta), ଏଡ଼ିଲେଡ୍ ସାଉଥ୍ ଏଡ଼ିଲେଡ୍ ୱେଷ୍ଟ (Adelaide West)।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଅଲ୍ଲାଃତାଲା ସମସ୍ତ ଅଂଶଗ୍ରହଣାକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଆପଣମାନଙ୍କୁ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରିବାକୁ ଆହ୍ୱାନ ଦେଇଥାଏ । ସୁତରାଂ ଆପଣମାନେ ପାଲେଷ୍ଟାଇନ୍‌ବାସୀଙ୍କୁ ନିଜର ଦୁଆରେ ସ୍ମରଣ ରଖନ୍ତୁ । ନିଜ ନିଜ ପରିଧିରେ ରହି ସେମାନଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରନ୍ତୁ । ଲୋକମାନଙ୍କୁ ମଧ୍ୟ କୁହନ୍ତୁ ଯେ, ଏହା ଅନ୍ୟାୟ ଅଟେ। ଅର୍ଥାତ୍ ପାଲେଷ୍ଟାଇନ୍‌ବାସୀଙ୍କ ଉପରେ । ରାଜନୈତିକ ନେତୃବୃନ୍ଦମାନଙ୍କୁ ମଧ୍ୟ କୁହନ୍ତୁ। ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହିଥିଲି ଯେ, ଇସ୍ରାଇଲୀୟ ସରକାର ନିଜର ଅତ୍ୟାଚାରରୁ କ୍ଷାନ୍ତ ହେବ ନାହିଁ ବୋଲି ପ୍ରତିତ ହେଉଛି । ତେଣୁ ସେ ସୈନିକମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି ଯେ, 2024 ମସିହା ଏକ ଯୁଦ୍ଧ ବର୍ଷ ଅଟେ ।

ଅଲ୍ଲାଃତାଲା ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ । ଲୋକେ ଏହା ମଧ୍ୟ କହିବାକୁ ଲାଗିଲେଣି ଯେ, ଅଞ୍ଚଳରେ ଯୁଦ୍ଧ ବ୍ୟାପୀବର ଯଥେଷ୍ଟ ଆଶଙ୍କା ରିହଛି ଓ ବିଶ୍ୱଯୁଦ୍ଧ ହେବାର ସମ୍ଭାବନା ରିହଛି ।

ବୈରୁତ୍‌ର ଆଖପାଖରେ ଇସ୍ରାଇଲ୍ ବୋମା ବର୍ଷଣ କରିବା ଆରମ୍ଭ କରିଦେଇଛି। ବର୍ତ୍ତମାନ ଇସ୍ରାଇଲ୍ ସେନା ଆଗକୁ ଆଗ୍ରସର ହୋଇ ଚାଲିଛି । ଆମେରିକା ପ୍ରକାଶ୍ୟ ରୂପେ ଇସ୍ରାଇଲ୍ ଓ ହିଜବୁଲ୍ଲାଃ (ଲେବନାନ୍)କୁ ଏହା କହୁଛି ଯେ, ନିଜ ନିଜର ଯୁଦ୍ଧ ପରିଧିକୁ ସୀମିତ କର । କିନ୍ତୁ ଏହା କେବଳ ସେମାନଙ୍କ ମୌଖିକ ଶବ୍ଦ ଅଟେ ।

ହୁଜୁର ଅନୱର୍ କହିଲେ, ଏହି କଥା ସେମାନେ ମୁହଁ ଚିପି କହୁଛନ୍ତି । ସେମାନଙ୍କର ପ୍ରକୃତ ଯୋଜନା ତ' ଏହା ଲାଗୁଛି ଯେ, ଗାଜାରୁ ପାଲେଷ୍ଟାଇନ୍‌ବାସୀଙ୍କୁ ଉଚ୍ଛେଦ କରିଦିଆଯାଉ ଓ ଇସ୍ରାଇଲ୍ ପାଲେଷ୍ଟାଇନ୍ ଭୂମି ଉପରେ କବଜା ଅର୍ଥାତ୍ ଭୂମି ଅଧିଗ୍ରହଣ କରିନେଉ ।

ଅଲ୍ଲାଃତାଲା ପାଲେଷ୍ଟାଇନ୍‌ବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ମୁସଲମାନମାନଙ୍କ ଉପରେ ମଧ୍ୟ ଦୟାବତୀର୍ଣ୍ଣ କରନ୍ତୁ । ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ମୁସଲମାନମାନେ ଏହି ଦିଗ ପ୍ରତି ମଧ୍ୟ ବିଚାର କରନ୍ତୁ ଯେ, ଯୁଗାବତାରଙ୍କ ସ୍ୱରକୁ ଶୁଣନ୍ତୁ ଓ ଏହାକୁ ସ୍ୱୀକାର ମଧ୍ୟ କରନ୍ତୁ । **ଆମିନ୍** ।

☆-☆-☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## 129ତମ ଜଲସା ସାଲାନ କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲ୍‌ସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତିଥି ଓ ବାର ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ଦୁଆ ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

**(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## ଜୈଲି ତନ୍‌ଜିମାତ (ଜମାଅତ୍ ଅଧୀନସ୍ଥ ବିଭିନ୍ନ ଗୋଷ୍ଠୀଙ୍କ)ର ସାଲାନ (ବାର୍ଷିକ) ଇଜ୍‌ତିମା (ସମ୍ମିଳନୀ) 2024

ସୟେଦିନା ହୁଜୁରେ ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅଧୀନସ୍ଥ ଗୋଷ୍ଠୀ ଯଥା ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃଙ୍କ ବାର୍ଷିକ ଇଜ୍‌ତିମା ନିମନ୍ତେ ତା- 25, 26, 27 ଅକ୍ଟୋବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତିଥି ଓ ବାର କୃପାବତ୍ସଳ ଭାବରେ ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦ ଏଥି ମୁତାବକ ଦୁଆର ସହିତ ଉକ୍ତ ଇଜତିମାରେ ସାମିଲ୍ ହେବା ପାଇ ଯଥାସମ୍ଭବ ଉଦ୍ୟମ କରନ୍ତୁ । **ଆମିନ୍** ।

**(ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାରତ)**

## ପୃ-12ରେ ବର୍ଣ୍ଣିତ ଖୁତବା ଜୁମା 12-01-2024ର ଅବଶିଷ୍ଟାଂଶ.....

କଥା) ଯାହାକି ଏକ ମିଥ୍ୟା ଅଟେ । ଅତଏବ୍ ସେହି ବ୍ୟକ୍ତି ଯିଏ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଆପତ୍ତି କରେ ତେବେ ସେହି ବ୍ୟକ୍ତିକୁ ମୁଁ ଆଉ କ'ଣ ବା ଉତ୍ତର ଦେବି । ମୁଁ ଯେତେବେଳେ ଏହା ଅବଲୋକନ କରେ ଯେ, ପୁଣ୍ୟଶ୍ଳୋକ ଏବଂ ନବି ଶିରୋମଣି ହ. ମୁହମ୍ମଦ ସ.ଅଙ୍କ ୱହୋଦ୍ ଯୁଦ୍ଧରେ ଏକୁଟିଆ ଥିବା ଅବସ୍ଥାରେ ଫୁଙ୍ଗୁଳା ଖଡ଼୍‌ଗ ସମ୍ମୁଖରେ ଛିଡ଼ା ହୋଇ କହୁଥିଲେ ଯେ, ମୁଁ ମୁହମ୍ମଦ ସ.ଅ ଅଟେ, ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ, ମୁଁ ଇବ୍‌ନେ ଅବ୍‌ଦୁଲ୍ ମୁତଲ୍ଲିବ୍ ଅଟେ । ମୁଁ ପୁନଶ୍ଚ ଅନ୍ୟ ପାର୍ଶ୍ୱରେ ଏହା ଦେଖିଥାଏ ଯେ, ଆପଣଙ୍କ (ଖ୍ରୀଷ୍ଟମାନଙ୍କ ଯୀଶୁ) ଯୀଶୁ ପ୍ରକମ୍ପିତ ହୋଇ ନିଜର ଶିଷ୍ୟମାନଙ୍କୁ ଘଟଣା ବିପରୀତ ଶିକ୍ଷା ପ୍ରଦାନ କରିଥାଆନ୍ତି ଯେ, ତୁମେ କାହାରିକୁ କିଛି କହିବ ନାହିଁ ଯେ, ମୁଁ ଯୀଶୁ ଅଟେ । କିନ୍ତୁ ଉକ୍ତ କଥନ ଦ୍ୱାରା କୌଣସି ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କୁ ହତ୍ୟା କରେ ନାହିଁ ତେବେ ମୁଁ ଆଶ୍ଚର୍ଯ୍ୟର ସମୁଦ୍ରରେ ଲୀନ ହୋଇଯାଉଛି । କାରଣ ହେ ଈଶ୍ୱର ! ଉକ୍ତ ବ୍ୟକ୍ତି ମଧ୍ୟ ନିଜକୁ ନବୀ ବୋଲାଉଛନ୍ତି ଏବଂ ଈଶ୍ୱରଙ୍କ ମାର୍ଗରେ ଏହି ଅବତାରଙ୍କ ସାହାସିକତାର ଏହି ଅବସ୍ଥା ରହିଛି ?"

**(ନୁରୁଲ୍ କୁରଆନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଭାଗ-9, ପୃ-405-407) (ଉର୍ଦ୍ଦୁ ଦାଏରାହ୍ ମାଆରିଫ୍, ଭାଗ-6, ପୃ-737, 'ତୌରିୟା' ଶବ୍ଦ ଅନୁଯାୟୀ ଉଦ୍ଧୃତ')**

ହ. ଇସା ଅ.ସଙ୍କ ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ଉକ୍ତ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରି ପ୍ରତ୍ୟାରୋପ ସ୍ୱରୂପ ଉତ୍ତର ପ୍ରଦାନ ପ୍ରଦାନ କରିଛନ୍ତି । ଏହା ନୁହେଁ ଯେ, ଆପଣ ଅ.ସ ହ. ଯୀଶୁଖ୍ରୀଷ୍ଟଙ୍କୁ ଅବତାର ବୋଲି ସ୍ୱୀକାର କରୁ ନଥିଲେ । ନା ହିଁ ହ. ମସିହ୍ ମଉଦ୍ ଅ.ସଙ୍କ ଉକ୍ତ ଉଦ୍ଦେଶ୍ୟ ତଥା ଯଥାର୍ଥତା ଥିଲା ।

**(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାର)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

**ଯୁଦ୍ଧରେ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖରେ ହେଉଥିଲା ସେହି ବ୍ୟକ୍ତି ହିଁ ବୀର ବୋଲି ବିବେଚିତ ହେଉଥିଲା । କାରଣ ଆପଣ ସ.ଅ ଅତ୍ୟନ୍ତ ଭୟଙ୍କର ଓ ସମ୍ବେଦନଶୀଳ ସ୍ଥାନରେ ରହୁଥିଲେ । ସୁବ୍‌ହାନଲ୍ଲାଃ (ଅଲ୍ଲାଃତାଲା ପବିତ୍ର ଅଟନ୍ତି) ! ଓଃ ଏହା କି ମର୍ଯ୍ୟାଦା ଅଟେ । (ହ. ମସିହ୍ ମଉଦ୍ ଅ.ସ)**

---

ରସୁଲ୍ କରୀମ୍ ସ.ଅ ଓହୋଦ୍ ଯୁଦ୍ଧ ଦିନ ନିଜର ସାହାବାମାନଙ୍କର ଏକ ଗୋଷ୍ଠୀର ମୃତ୍ୟୁ ବଦଳରେ ସେମାନଙ୍କ ଠାରୁ ବୈଅତ୍ (ଦୀକ୍ଷା) ନେଇଥିଲେ । ମୁସଲମାନମାନେ ଯେତେବେଳେ ପ୍ରକାଶ୍ୟ ରୂପେ ତିରସ୍କୃତ ହେଲେ ସେତେବେଳେ ସେମାନେ ଅବଚଳ ରହିଥିଲେ ଏବଂ ନିଜ ଜୀବନକୁ ବାଜି ଲଗାଇ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ସେହି ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ବୀରଗତି ମଧ୍ୟ ପ୍ରାପ୍ତ କଲେ ।

---

ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ଅବିଶ୍ୱାସକାରୀମାନେ ଯେତେବେଳେ ଆପଣ ସ.ଅଙ୍କୁ ଘେରିଗଲେ ସେତେବେଳେ ଆପଣ ସ.ଅ କହିଲେ, مَنۡ رَجُلٌ یَّشۡرِیۡ لَنَا نَفۡسَہٗ ? ଅର୍ଥାତ୍ କିଏ ସେହି ବ୍ୟକ୍ତି ଯିଏ ମୋ ପାଇଁ ନିଜକୁ ବିକ୍ରି କରିଦେବ । ତେବେ ଜିୟାଦ୍ ବିନ୍ ସକନ୍ ର.ଅ ପାଞ୍ଚ ଜଣ ଅନସାରୀ ସାହାବାମାନଙ୍କ ସହିତ ଛିଡ଼ା ହେଲେ ଏବଂ ଆଉ କେତେକ ଲୋକମାନେ କୁହନ୍ତି ଯେ, ସେହି ବ୍ୟକ୍ତି ଅମ୍ମାର ବିନ୍ ୟଜିଦ୍ ବିନ୍ ସକନ୍ ର.ଅ ଥିଲେ ।

---

ହ. ଜିୟାଦ୍ ଗମ୍ଭୀର ରୂପେ ଆହତ ହେବା ପରେ ସତ ଚେଷ୍ଟା କରି ନିଜ ମୁଣ୍ଡକୁ ଉଠାଇଲେ ଏବଂ ନିଜର ମୁହଁ ଆଁହଜରତ ସ.ଅଙ୍କ ପାଦ ତଳେ ରଖିଦେଲେ ଓ ସେହି ଅବସ୍ଥାରେ ଆପଣ ର.ଅ ନିଜର ପ୍ରାଣ ତ୍ୟାଗ କରିଦେଲେ ।

---

ଆଁହଜରତ ସ.ଅଙ୍କ ଆଖପାଖରେ ଯେଉଁ ସାହାବାମାନେ ଏକତ୍ରିତ ହୋଇଥିଲେ ସେମାନେ (ସାହାବାମାନେ) ଅଦମ୍ୟ ସାହାସର ଯେଉଁ ଅପୂର୍ବ ପରିଚୟ ପ୍ରଦାନ କରିଥିଲେ ତାହାର ଦୃଷ୍ଟାନ୍ତ ଉପସ୍ଥାପିତ କରିବା ଅସମ୍ଭବ ବ୍ୟାପାର ଅଟେ । ଏହି ଲୋକମାନେ ଅର୍ଥାତ୍ ସାହାବାମାନେ ପୋକ ମାଛିଙ୍କ ପରି ଆପଣ ସ.ଅଙ୍କ ଆଖପାଖରେ ବୁଲୁଥିଲେ ଏବଂ ଆପଣ ସ.ଅଙ୍କ ସକାଶେ ନିଜର ଜୀବନକୁ ବାଜି ଲଗାଇ ଦେଉଥିଲେ । ଆଁହଜରତ ସ.ଅଙ୍କ ଉପରେ ଶତ୍ରୁ ଯେଉଁ ପ୍ରହାର କରିବାକୁ ଚେଷ୍ଟା କରୁଥିଲା ସେହି ପ୍ରହାର ସାହାବାମାନେ ନିଜ ଉପରେ ନେଇ ନେଉଥିଲେ ଏବଂ ଆପଣ ସ.ଅଙ୍କୁ ବଞ୍ଚାଉଥିଲେ । ତତ୍‌ସହିତ ସାହାବାମାନେ ଶତ୍ରୁ ଉପରେ ମଧ୍ୟ ଆକ୍ରମଣ ଏବଂ ପ୍ରହାର ମଧ୍ୟ କରି ଚାଲୁଥିଲେ ।

---

ରସୁଲ୍ କରୀମ୍ ସ.ଅ ହିଁ ସଂସାରର ଯୁଦ୍ଧ ଇତିହାସରେ ସର୍ବୋତ୍ତମ ସେନାପତି ଏବଂ ତାତ୍ତ୍ୱିକପୂର୍ଣ୍ଣ ତାତ୍‌କ୍ଷଣିକ ନିଷ୍ପତ୍ତି ନେବାର ଅଧିକାରୀ ବୋଲି ବିଦିତ ଅଟନ୍ତି।

### ଓହୋଦ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

**ଇସ୍ରାଇଲ୍ ବର୍ତ୍ତମାନ ଲେବନାନ୍‌ର ସୀମାବର୍ତ୍ତୀ ହିଜ୍‌ବୁଲ୍ଲାଃ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯୁଦ୍ଧଭୂମିକୁ ଓହ୍ଲାଇ ଆସିଛି ଏବଂ ଏହା ଦ୍ୱାରା ପରିସ୍ଥିତି ଆହୁରି ବିଗିଡ଼ି ଯିବ । ସେହିପରି ଆମେରିକା, ବ୍ରିଟେନ୍ ହୁତୀ ୟମନୀୟ ସଂପ୍ରଦାୟ ବିପକ୍ଷରେ ଯୁଦ୍ଧ ଆରମ୍ଭ କରିଦେଇଛି । ଏହି ସମସ୍ତ ପ୍ରସଙ୍ଗ ଯୁଦ୍ଧକୁ ଆହୁରି ବ୍ୟାପକ କରିଦେବ ଏବଂ ଯୁଦ୍ଧକୁ ପ୍ରସାରିତ କରିଦେବ । ବର୍ତ୍ତମାନେ ସ୍ତମ୍ଭକାର, ସମ୍ପାଦକମାନେ ଉଲ୍ଲେଖ କରୁଛନ୍ତି ଯେ, ବିଶ୍ୱଯୁଦ୍ଧର ଲକ୍ଷଣ ଖୁବ୍ ନିକଟବର୍ତ୍ତୀ ଦୃଶ୍ୟମାନ ହେଉଅଛି । ଅତଏବ୍ ଆପଣମାନେ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଆବଶ୍ୟକ ଅଟେ । ଅଲ୍ଲାଃତାଲା ମାନବତାକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍ ।**

---

**ପାଲେଷ୍ଟାଇନ୍‌ର ସମ୍ମାନନୀୟ ସ୍ୱର୍ଗତ ଅବୁ ହିଲମି ମୁହମ୍ମଦ ଉକ୍କାଶା ସାହେବ, ରଶିଦ୍ ଅହେମଦ୍ ସାହେବ ଜମିର୍‌ଙ୍କ ପତ୍ନି ସ୍ୱର୍ଗତା ମୁବାରକା ବେଗମ୍ ସାହେବାଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଜୁମା ପରେ ମୃତକ ଦ୍ୱୟଙ୍କ ନମାଜ ଯନାଜାଃ ଗାଏବ୍ ।**

**ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 06 SEPTEMBER 2024 ମସିହା ଅନୁଯାୟୀ ୦୬/ ତୁବୁକ୍ ୧୪୦୩ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشۡهَدُ أَنۡ لَّا إِلٰهَ اِلَّا اللهُ وَحۡدَهٗ لَا شَرِيكَ لَهٗ وَأَشۡهَدُ أَنَّ مُحَمَّدًا عَبۡدُهٗ و رَسُوۡلُهٗ۔
أَمَّا بَعۡدُ فَأَعُوۡذُ بِاللهِ مِنَ الشَّيۡطٰنِ الرَّجِيۡمِ۔ بِسۡمِ اللهِ الرَّحۡمٰنِ الرَّحِيۡمِ۔ اَلۡحَمۡدُ لِلّٰهِ رَبِّ الۡعَالَمِيۡنَ۔ اَلرَّحۡمٰنِ الرَّحِيۡمِ ۔ مٰلِكِ يَوۡمِ الدِّيۡنِ ۔اِيَّا كَ نَعۡبُدُ وَ اِيَّاكَ نَسۡتَعِيۡنُ۔ اِهۡدِنَا الصِّرَاطَ الۡمُسۡتَقِيۡمَ۔صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ۔غَيۡرِالۡمَغۡضُوۡبِ عَلَيۡهِمۡ وَلَاالضَّآلِّيۡنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଗତ ଖୁତ୍‌ବାରେ ଓହୋଦ୍ ଯୁଦ୍ଧ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କିତ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବିବରଣୀ ଏହିପରି ଯେ, ରୁସୁଲୁଲ୍ଲାଃ ସ.ଅ ଲୋକମାନଙ୍କ ଅପେକ୍ଷା ଶତ୍ରୁର ସବୁଠୁ ନିକଟବର୍ତ୍ତୀ ଥିଲେ । ଆପଣ ସ.ଅଙ୍କ ସହିତ 15 ଜଣ ସାହାବା ଅବିଚଳ ଭାବରେ ଛିଡ଼ା ହୋଇଥିଲେ । ସେହି 15 ଜଣ ସାହାବାମାନଙ୍କ ମଧ୍ୟରେ ୮ ଜଣ ପ୍ରବାସକାରୀ ସାହାବାମାନେ ରହିଥିଲେ । ସେହି ୮ ଜଣ ପ୍ରବାସକାରୀ ସାହାବାମାନଙ୍କ ମଧ୍ୟରେ ଯେଉଁ ସାହାବାମାନେ ରହିଥିଲେ ସେମାନେ ହେଲେ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ତଲ୍‌ହା ର.ଅ, ହ. ଜୁବୈର୍ ର.ଅ, ହ. ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅ, ହ. ସାଆଦ୍ ବିନ୍ ଅବି ଓକ୍କାସ୍ ର.ଅ, ଅବୁ ଉବୈଦାହ୍ ବିନ୍ ଜରରାହ୍ ର.ଅ ଇତ୍ୟାଦି । ସେହିପରି 7 ଜଣ ଅନ୍‌ସାରୀ ସାହାବାମାନେ ହେଲେ- ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ, ଅବୁ ଦୁଜାନା ର.ଅ, ଆସିମ୍ ବିନ୍ ସାବିତ୍ର ର.ଅ, ହାରିସ୍ ବିନ୍ ସିମା ର.ଅ, ସହଲ୍ ହୁନୈଫ୍ ର.ଅ ଓ ସଆଦ୍ ବିନ୍ ମୁଆଜ୍ ର.ଅ ଏବଂ ଆଉ କେତେକ ଉଲ୍ଲେଖକାରୀମାନେ ଏହା କୁହନ୍ତି ଯେ, ସେହି ଅନ୍‌ସାରୀମାନେ ହେଲେ- ସାଆଦ୍ ବିନ୍ ଉବାଦାହ୍ ର.ଅ ମୁହମ୍ମଦ ବିନ୍ ମୁସଲମା ର.ଅ ମଧ୍ୟ । ସେହିପରି ଆଉ କେତେକ ଜୀବନୀ ଲେଖାଳୀମାନେ କୁହନ୍ତି ଆପଣ ସ.ଅଙ୍କ ସମ୍ମୁଖରେ 30 ଜଣ ବ୍ୟକ୍ତି ଅବିଚଳ ରହିଥିଲେ ଏବଂ ସମସ୍ତେ ଏହା କହୁଥିଲେ ଯେ, ମୋ ଚେହେରା ଆଁହଜରତ ସ.ଅ.ଙ୍କ ଚେହେରା ସମ୍ମୁଖରେ ରହୁ ଓ ମୋର ପ୍ରାଣ ଆପଣ ସ.ଅଙ୍କ ପ୍ରାଣ ସମ୍ମୁଖରେ ରହୁ । ଆପଣ ସୁରକ୍ଷିତ ରୁହନ୍ତୁ। ଆପଣ ସ.ଅଙ୍କ ପାଇଁ ଆମମାନଙ୍କର ପ୍ରାଣ ଉତ୍ସର୍ଗ ହୋଇଯାଉ **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-196-197, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ସେହିପରି ଆଉ ଏକ ବର୍ଣ୍ଣନା ରହିଛି ଯେ, ଆଁହଜରତ ସ.ଅଙ୍କ ସହିତ 11 ଜଣ ସଦସ୍ୟ ଓ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଆଦି ସାହାବାମାନେ ରହିଯାଇଥିଲେ । ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅବିଶ୍ୱାସକାରୀମାନେ ଯେତେବେଳେ ଆଁହଜରତ ସ.ଅଙ୍କୁ ଘେରିନେଲେ ସେତେବେଳେ ଆପଣ ସ.ଅ 7 ଜଣ ଅନସାରୀ ସାହାବା ଏବଂ ଗୋଟିଏ କୁରେଶୀ ସାହାବିଙ୍କ ମଧ୍ୟରେ ଛିଡ଼ା ହୋଇଥିଲେ । ସେହିପରି ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ୨ ଜଣ ସଦସ୍ୟଙ୍କ ମଧ୍ୟରେ ଏକୁଟିଆ ରହିଯାଇଥିଲେ । ସାତ ଜଣ ଅନସାର ବ୍ୟକ୍ତି ଓ ଦୁଇ ଜଣ କୁରେଶ୍‌ର ବ୍ୟକ୍ତି ଥିଲେ । ଏମାନଙ୍କୁ ମିଶାଇଲେ ୨ ଜଣ ଓ ଆପଣ ସ.ଅଙ୍କୁ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 10 OCTOBER 2024 Issue No. - 41

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ମିଶାଇଲେ ମୋଟ 10 ଜଣ ଲୋକ ହେଉଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଳାଦ୍, ଭାଗ-4, ପୃ-203-204, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଭିନ୍ନ ବର୍ଣ୍ଣନାରେ ଆଁହଜରତ ସ.ଅଙ୍କ ସହିତ ଅବିଚଳ ରହିଥିବା ସାହାବାମାନଙ୍କର ସଂଖ୍ୟା ସଂପର୍କରେ ଭିନ୍ନ ଭିନ୍ନ ମତ ଏବଂ ଭିନ୍ନ ଭିନ୍ନ ବର୍ଣ୍ଣନା କରାଯାଇଛି । ଆମ ରିସର୍ଚ୍ଚ ସେଲ୍ ନିଜର ଯେଉଁ ନୋଟ୍ (ଟିପ୍ପଣୀ) ପ୍ରଦାନ କରିଛି ତହିଁରେ ରିସର୍ଚ୍ଚ ସେଲ୍ ଏହା କହୁଛି ଯେ, 30 ଜଣ ସାହାବାଙ୍କର ଚର୍ଚ୍ଚା ମିଳେ । ଏହାର ଏକ କାରଣ ଏହା ମଧ୍ୟ ହୋଇଥାଇପାରେ ଯେ, ସାହାବାମାନଙ୍କ ସଂଖ୍ୟ ସେତେବେଳର ପରିସ୍ଥିତି ଅନୁଯାୟୀ ବଦଳି ଥାଇପାରେ । ଯେଉଁ ବ୍ୟକ୍ତି 15 ଜଣ ଲୋକଙ୍କୁ ଦେଖିଲା ସେ 15 ଜଣ ବୋଲି ବର୍ଣ୍ଣନା କରି ଦେଇଛି । ସାହାବାମାନେ ଆଁହଜରତ୍ ସ.ଅଙ୍କ ନିକଟକୁ ଯିବା ଆସିବା କରୁଥିଲେ । ଫଳତଃ ସଂଖ୍ୟାରେ ତାରତମ୍ୟ ପରିଲକ୍ଷିତ ହେଉଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ହିଁ ସଠିକ୍ ବୋଲି ଅନୁମାନ ହେଉଛି । କାରଣ ଏହା ବିସ୍ତୃତ ବିବରଣୀରେ ବର୍ଣ୍ଣିତ ହୋଇଛି ଯାହା ବିଗତ ଖୁତ୍‌ବାରେ ବର୍ଣ୍ଣିତ ହୋଇ ସାରିଛି । ଅର୍ଥାତ୍ ସାହାବାମାନେ ଆପଣ ସ.ଅଙ୍କ ଆଖପାଖକୁ ଆସୁଥିଲେ ଓ ପୁନଶ୍ଚ ଶତ୍ରୁ ଯେତେବେଳେ ଆକ୍ରମଣ କରୁଥିଲା ସେତେବେଳେ ସୁରକ୍ଷା ବଳୟ ଭାଙ୍ଗିଯାଉଥିଲା । ସାହାବାମାନେ ବିକ୍ଷିପ୍ତ ହୋଇ ପୁନଶ୍ଚ ଏକତ୍ରିତ ହୋଇଯାଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ କଥା ଏତିକି ଯେ, ସାହାବାମାନେ ଅବିଚଳତାର ଅପୂର୍ବ ଉଦାହରଣ ପ୍ରଦର୍ଶନ କରିଥିଲେ ଏବଂ କୌଣସି ସାହାବିକୁ କୌଣସି ପ୍ରକାରର ଭୟ ଅନୁଭବ ହେଉ ନଥିଲା ଯେ, ମୃତ୍ୟୁ ଆସିବ ଏବଂ ଆମକୁ ନେଇଯିବ । ଏହି ଚର୍ଚ୍ଚା ମଧ୍ୟ ମିଳେ ଯେ, ରସୁଲ୍ କରୀମ୍ ସ.ଅ ୱହୋଦ୍ ଯୁଦ୍ଧ ଦିନ ନିଜର ସାହାବାମାନଙ୍କର ଏକ ଦଳକୁ କହିଲେ, ହେ ସାହାବାମାନେ ତୁମେମାନେ ମୃତ୍ୟୁ ବଦଳରେ ମୋ ହସ୍ତର ବୈଅତ୍ କର । ଆପଣ ସ.ଅ ସାହାବାମାନଙ୍କ ଠାରୁ ଉକ୍ତ ବୈଅତ୍ ନେଲେ । ପ୍ରକାଶ୍ୟ ରୂପେ ମୁସଲମାନମାନେ ପରାଜିତ ହେଲେ । କିନ୍ତୁ ମୁସଲମାନମାନେ ଅବିଚଳ ରହିଲେ ଓ ନିଜ ଜୀବନକୁ ବାଜି ଲଗାଇ ସେମାନେ ଆଁହଜରତ ସ.ଅଙ୍କୁ ସୁରକ୍ଷା ପ୍ରଦାନ କଲେ ଏବଂ ଆପଣ ସ.ଅଙ୍କ ପ୍ରାଣର ରକ୍ଷା କରିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ସେହି ମୁସଲମାନ ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ଶହୀଦ୍ (ବୀରଗତି) ମଧ୍ୟ ପ୍ରାପ୍ତ କଲେ । ସେଦିନ 8 ଜଣ ସଦସ୍ୟ ଆପଣ ସ.ଅଙ୍କ ପବିତ୍ର ହସ୍ତ ଉପରେ ମୃତ୍ୟୁ ବଦଳରେ ବୈଅତ୍ କରିଥିଲେ । ବର୍ଣ୍ଣନାମାନଙ୍କରେ ସେହି ସୌଭାଗ୍ୟଶାଳୀ ବୈଅତ୍‌କାରୀଙ୍କ ଯେଉଁ ନାମୋଲ୍ଲେଖ ବା ନାମ ବର୍ଣ୍ଣିତ ହୋଇଛି ସେମାନେ ଯଥାକ୍ରେମେ ହେଲେ- ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଅଲୀ ର.ଅ, ହ. ତଲ୍‌ହା ର.ଅ, ହ. ଜୁବୈର୍ ର.ଅ, ହ. ସାଆଦ୍ ର.ଅ, ହ. ସହଲ୍ ବିନ୍ ହୁନୈଫ୍ ର.ଅ, ହ. ଅବୁ ଦୁଜାନା ର.ଅ, ହ. ହାରିସ୍ ବିନ୍ ସିମ୍ମା ର.ଅ, ହ. ହୁବବାବ୍ ବିନ୍ ମୁନ୍‌ଜର ର.ଅ, ହ. ଆସିମ୍ ବିନ୍ ସାବିତ୍ ର.ଅ । ଏହି ସାହାବାମାନଙ୍କ ମଧ୍ୟରେ କେହି ବୀରଗତି ପ୍ରାପ୍ତ କଲେ ନାହିଁ। **(ଇସାବା, ଭାଗ-3, ପୃ-431, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍, 1995 ମସିହା)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଳାଦ୍, ଭାଗ-4, ପୃ-198, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ଅଲ୍ଲାମା ଜିମଖ୍‌ଶରୀର ପୁସ୍ତକ '**ଖସାଇସି ଅଶ୍‌ରାହ୍**'ରେ ୱହୋଦ୍ ଯୁଦ୍ଧ ଦିନ ହ. ଜୁବୈର୍ ର.ଅ ଆଁହଜରତ ସ.ଅଙ୍କ ସହିତ ଅବିଚଳତା ଦେଖାଇଥିଲେ ଏବଂ ସେ ଇତ୍ୟବସରରେ ଆଁହଜରତ ସ.ଅଙ୍କ ହସ୍ତରେ ମୃତ୍ୟୁ ଉପରେ ବୈଅତ୍ କରିଥିଲେ। ଅର୍ଥାତ୍ ସେ ଏହି ଅଙ୍ଗୀକାର କରିଥିଲେ ଯେ, ସେ ଆପଣ ସ.ଅଙ୍କ ପ୍ରାଣ ରକ୍ଷା କରିବାକୁ ଯାଇ ନିଜ ପ୍ରାଣ ଉତ୍ସର୍ଗ କରିଦେବେ । କିନ୍ତୁ ଆପଣ ସ.ଅଙ୍କ ସାହଚର୍ଯ୍ୟତ୍ୱକୁ ପରିତ୍ୟାଗ କରିବେ ନାହିଁ ।

**(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-321, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତିରିକ୍ତ ଉଲ୍ଲେଖ କରନ୍ତି ଯେ, ହାତ ଗଣତି କେଇଟା ପ୍ରାଣୋତ୍ସର୍ଗୀ ସାହାବାମାନେ ବିଶାଳ ସୈନ୍ୟବାହିନୀ ସମ୍ମୁଖରେ କେତେ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରି ଥାଆନ୍ତେ ? କାରଣ ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀ ଅତ୍ୟନ୍ତ ବିକଟାଳ ଓ କରାଳ ସମୁଦ୍ରର ଢେଉ ପରି ଚତୁର୍ପାର୍ଶ୍ୱରୁ ମାଡ଼ି ଆସୁଥିଲା । ଶତ୍ରୁମାନଙ୍କର ପ୍ରତ୍ୟେକ ଆକ୍ରମଣର ଲହରୀ ମୁସଲମାନମାନଙ୍କୁ ଗୋଟିଏ ସ୍ଥାନରୁ ଆନ୍ୟ ଏକ ସ୍ଥାନକୁ ଭସାଇ ନେଇଯାଉଥିଲା । କିନ୍ତୁ ଯେତେବେଳେ ଅବିଶ୍ୱାସକାରୀଙ୍କ ଶକ୍ତି ଟିକିଏ ହ୍ରାସ ପାଉଥିଲା ସେତେବେଳେ ନିରୀହ ମୁସଲମାନମାନେ ସଂଘର୍ଷ କରି ପୁନଶ୍ଚ ନିଜର ପ୍ରିୟତମଙ୍କ ଆଖପାଖରେ ଏକତ୍ରିତ ହୋଇ ଯାଉଥିଲେ । ବେଳେବେଳେ ଏପରି ଭୟଙ୍କର ଆକ୍ରଣ ହେଉଥିଲା ଯେ, ଆଁହଜରତ ସ.ଅ ଏକୁଟିଆ ରହିଯାଉ ଥିଲେ । ତେଣୁ ଏମିତି ଏକ ମୁହୂର୍ତ୍ତ ଆସିଲା ଯେ, ଆପଣ ସ.ଅଙ୍କ ଆଖପାଖରେ କେବଳ 12 ଜଣ ବ୍ୟକ୍ତି ରହି ଯାଇଥିଲେ । ସେହିପରି ଏପରି ଏକ ସମୟ ମଧ୍ୟ ଆସିଲା ଯେ, ଆପଣ ସ.ଅଙ୍କ ସହିତ ଦୁଇ ଜଣ ବ୍ୟକ୍ତି (ସାହାବା) ରହିଯାଇଥିଲେ। ସେହି ପ୍ରାଣୋତ୍ସର୍ଗୀ ସାହାବାମାନଙ୍କ ମଧ୍ୟରେ ହ. ଅବୁ ବକ୍କର ର.ଅ, ହ. ଅଲୀ ର.ଅ ହ. ତଲ୍‌ହା ର.ଅ, ହ. ଜୁବୈର୍ ର.ଅ, ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ, ଅବୁ ଦୁଜାନା ଅନ୍‌ସାରୀ ର.ଅ, ସାଆଦ୍ ବିନ୍ ମୁଆଜ୍ ର.ଅ ଓ ତଲ୍‌ହା ଅନ୍‌ସାରୀ ର.ଅ ଆଦିଙ୍କ ନାମ ବିଶେଷ ରୂପେ ଉଲ୍ଲେଖଯୋଗ୍ୟ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-495-496)**

ଖ୍ରୀଷ୍ଟିଆନ୍‌ମାନେ ଆଁହଜରତ ସ.ଅଙ୍କ ଉପରେ ଯେଉଁ ଆରୋପ ଲଗାଇଥିଲେ ସେହି ଆରୋପର ଉତ୍ତର ପ୍ରଦାନ କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଖ୍ରୀଷ୍ଟିଆନ୍‌ମାନେ ଆଁହଜରତ ସ.ଅଙ୍କ ଉପରେ ଏହି ଆରୋପ ଲଗାଉଛନ୍ତି ଯେ, ଆପଣ ସ.ଅ ମିଥ୍ୟା କହିବା କିମ୍ବା ଭୁଲ୍ କଥା କହିବାକୁ ଉଚିତ୍ ବୋଲି ବିବେଚିତ କରିଛନ୍ତି । ଆପଣ ଅ.ସ କୁହନ୍ତି: ଆମର ପ୍ରିୟ ମୁନିବ ତଥା ପବିତ୍ର ବାର୍ତ୍ତାବହ ସ.ଅଙ୍କ ଶିକ୍ଷାର ଏକ ସର୍ବୋଚ୍ଚ ଉଦାହରଣ ଏଠାରେ ପ୍ରମାଣିତ ହୋଇଥାଏ ଏବଂ ତାହା ଏହିକି ଯେ, ଯେଉଁ ପଦ୍ଧତି ବା ଆଇନ୍‌କୁ ଆପଣଙ୍କ ୟସୁ (ଯୀଶୁ) ବୈଧ (ଉଚିତ୍) ପରି ସମଗ୍ର ଜୀବନ ବ୍ୟବହାର କରୁଥିଲେ ଆଁହଜରତ ସ.ଅ ଯଥାସମ୍ଭବ ତହିଁରୁ ବର୍ତ୍ତିବା ପାଇଁ ଆଦେଶ ଦେଇଛନ୍ତି । ତୌରିୟାର ଆଭିଧାନିକ ଅର୍ଥ ହେଉଛି ତୁଣ୍ଡରେ କିଛି କହିବା ଓ ମନରେ ଆଉ କିଛି କଥା ରଖିବା । ଅର୍ଥାତ୍ ଏପରି କଥା କହିବା ଯାହାର ଅର୍ଥ ଥିବ । ଏହାର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ ଅ.ସ ତୌରିୟାହ୍ ଶବ୍ଦର ଶବିଶେଷ ବିବରଣୀ ପ୍ରଦାନ କରି କୁହନ୍ତି: ତୌରିୟାହର ଆଭିଧାନିକ ଅର୍ଥ ଉପରୋକ୍ତରେ ମୁଁ ବର୍ଣ୍ଣନା କରିଦେଲି ଅର୍ଥାତ୍ ତୁଣ୍ଡରେ ଗୋଟେ କଥା ମନରେ ଗୋଟେ କଥା । ତାହାର ବ୍ୟାଖ୍ୟା ଏହିପରି ଯେ, ଉପଦ୍ରବ ସମୟରେ ଭୟର ସହିତ ଏକ କଥାକୁ ଲୁଚାଇବା ନିମନ୍ତେ ଅନ୍ୟ କୌଣସି ଅଭିପ୍ରାୟ ରଖି କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ରଖି ଏକ ରହସ୍ୟଜିନତ ପ୍ରସଙ୍ଗକୁ ଗୁପ୍ତ ରଖିବା ଉଦ୍ଦେଶ୍ୟରେ ଏହିପରି ଉଦାହରଣ ବର୍ଣ୍ଣନା କରାଯାଉ ଯେ ଜଣେ ବୁଦ୍ଧିମାନ ବ୍ୟକ୍ତି ଏହିସବୁ ପ୍ରସଙ୍ଗକୁ ବୁଝିଯିବ ଓ ଅବୋଧ ବ୍ୟକ୍ତି ଏହାକୁ ବୁଝି ପାରିବ ନାହିଁ । ଅର୍ଥାତ୍ ଉପାୟ ମାଧ୍ୟମରେ ଏପରି କଥା କହିବା ଯେ, ତାହା ମିଥ୍ୟା ବୋଲି ପରିଗଣିତ ହେବ ନାହିଁ। ଏହାର ଅର୍ଥକୁ କେବଳ ବୁଦ୍ଧିମାନ ବ୍ୟକ୍ତି ହିଁ ବୁଝିଯିବ । ଅର୍ଥାତ୍ ଏହାର ବାସ୍ତବତା କ'ଣ ? ସେହି ପ୍ରସଙ୍ଗକୁ ଜଣେ ଅବୋଧ ଓ ମୂର୍ଖ ବ୍ୟକ୍ତି କଦାପି ବୁଝି ପାରିବ ନାହିଁ। ତା'ର (ବ୍ୟକ୍ତିର) ଧ୍ୟାନ ଅନ୍ୟ ଆଡ଼କୁ ଚାଲିଯିବ । କିନ୍ତୁ ଆପଣ ଅ.ସ କହିଲେ, ଏହା ସର୍ବୋଚ୍ଚ ଧର୍ମପରାୟଣତାର ବିପରୀତ ଓ ପରିପନ୍ଥୀ ଅଟେ । ହଦିସ୍‌ରୁ ଏହା ପ୍ରମାଣିତ ଯେ, ଏହା ସର୍ବୋଚ୍ଚ ସ୍ତର ବିରୁଦ୍ଧୀୟ ଏବଂ ବିପରୀତ ଅଟେ । ହ. ମସିହ୍ ମଉଦ୍ ଅ.ସ ଏଥି ସଂକ୍ରାନ୍ତରେ ମୁକ୍ତ କଣ୍ଠରେ ଆଲୋଚନା କରିଛନ୍ତି । ଅତଏବ୍ ଆଁହଜରତ୍ ସ.ଅଙ୍କ ଠାରୁ ଉକ୍ତ କଥା କେବେ ପ୍ରମାଣିତ ହୋଇ ନାହିଁ ଓ ନା ହିଁ କେବେ ସାବ୍ୟସ୍ତ କରାଯାଇ ପାରିବ । କିନ୍ତୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଏହାର ସାରାଂଶ ଏହିକି ଯେ, ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀମାନଙ୍କ ଅନୁଯାୟୀ ସେମାନେ ଯେଉଁ ବ୍ୟକ୍ତିକୁ ଈଶ୍ୱର ବୋଲି କୁହନ୍ତି ତାଙ୍କର ତ' ଏହି ଅବସ୍ଥା ରହିଛି ଯେ, ସେ ସାମାନ୍ୟ କଥାରେ ମିଥ୍ୟା କଥା କହିଛନ୍ତି ।"

ସେ ଯାହାହେଉ ଏହାର ବିସ୍ତୃତ ବିବରଣୀ ପ୍ରଦାନ ଆପଣ ଅ.ସ କୁହନ୍ତି: "ମିଥ୍ୟାରୁ ଯଥାସମ୍ଭବ ନିବୃତ୍ତ ରହିବା ନିମନ୍ତେ ଆଁହଜରତ ସ.ଅ ଆଦେଶ ଦେଇଛନ୍ତି। କଥନାର୍ଥ ନିଜର ପ୍ରକାଶ୍ୟ ଅବସ୍ଥାରେ ମଧ୍ୟ ମିଥ୍ୟା ସହିତ ସାମଞ୍ଜସ୍ୟତା ରଖୁ ନଥିବ । କିନ୍ତୁ କ'ଣ କହିବି ଓ କ'ଣ ଲେଖିବି ଯେ, ଆପଣଙ୍କ ଯୀଶୁ ମହୋଦୟ ସତ୍ୟ କହିବାର ବ୍ୟବସ୍ଥା ଏବଂ ଅଭ୍ୟାସ କରିପାରିଲେ ନାହିଁ । ଯେଉଁ ବ୍ୟକ୍ତି ଈଶ୍ୱରତ୍ୱର ଦାବି କରେ ସେ ଅତି ଭୟଙ୍କର ସିଂହ ପରି ସଂସାରରେ ଯାଆ ଆସ୍ କରିଥାଆନ୍ତା ନା କି ସମଗ୍ର ଜୀବନ ମିଥ୍ୟା ପନ୍ଥା ଅବଲମ୍ବନ କରି ସମସ୍ତ କଥା ମିଥ୍ୟା ଢଙ୍ଗରେ କହି ଏହା ପ୍ରମାଣିତ କରିଦେବେ ଯେ, ସେ ସେହି ପୂର୍ଣ୍ଣ ସଦସ୍ୟଙ୍କ ମଧ୍ୟରୁ ଅନ୍ୟତମ ନୁହେଁ ଯିଏ ମୃତ୍ୟୁରୁ ଅବଚେତନ ହୋଇ ଶତ୍ରୁ ବିପକ୍ଷରେ ନିଜକୁ ପ୍ରକାଶ କରିବ ଓ ଈଶ୍ୱରଙ୍କ ଉପରେ ସେମାନେ ଭରସା କରିବ । (ଯେଉଁ ବ୍ୟକ୍ତିକୁ ତୁମେ ଈଶ୍ୱର ବୋଲି କହୁଛ ସେ ସମଗ୍ର ଜୀବନ ତୌରିୟାହ୍ (ଅର୍ଥାତ୍ ତୁଣ୍ଡରେ ଗୋଟେ କଥା ମନରେ ଗୋଟେ କଥା)କୁ ବିନିଯୋଗ କରୁଥିଲା । ତେଣୁ ଅବତାରମାନେ ଏଭଳି ଆଚରଣ ପ୍ରଦର୍ଶନ କରନ୍ତି ନାହିଁ । ଅର୍ଥାତ୍ ତୁଣ୍ଡରେ ଗୋଟେ କଥା ଓ ମନରେ ଗୋଟେ କଥା। ହ. ମସିହ୍ ମଉଦ୍ ଅ.ସ୍ କୁହନ୍ତି: "ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରନ୍ତି ସେମାନେ କୌଣସି ପରିସ୍ଥିତିରେ ଏବଂ କୌଣସି ସ୍ଥଳରେ ଭୀରୁତା ଓ କାପୁରୁଷତା ପ୍ରଦର୍ଶନ କରନ୍ତି ନାହିଁ । ଉକ୍ତ କଥାକୁ ସ୍ମରଣ କରି ମୋତେ ରୋଦନ (କାନ୍ଦ) ମାଡ଼ୁଛି। ଯଦି କୌଣସି ବ୍ୟକ୍ତି ଯୀଶୁଙ୍କ ଏଭଳି ଦୁର୍ବଳ ହୃଦୟ, ଏପରି ଦୁର୍ବଳାବସ୍ଥା ଏବଂ ତୌରିୟା (ତୁଣ୍ଡରେ କିଛି କଥା ମନରେ କିଛି **(ଅବଶିଷ୍ଟାଂଶ....ପୃ-11ରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan